**ଶ୍ରୀ ମା, ଶ୍ରୀ ଅରବିନ୍ଦଙ୍କ ସିଦ୍ଧି ଦିବସ**

ଗୁଣପୁର,(ପ୍ରଦୀପ କୁମାର ପାଢ଼ୀ)- ଗୁଣପୁରର ଅରୋଶ୍ରୀ ବିହାରଠାରେ ରବିବାର ଶ୍ରୀ ମା ଏବଂ ଶ୍ରୀ ଅରବିନ୍ଦଙ୍କ ସିଦ୍ଧି ଦିବସ ପାଳିତ ହୋଇଯାଇଛି। ଏଥିପାଇଁ ସେଠାରେ ଥିବା ଶ୍ରୀ ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ସ୍ଥାନରେ ସମବେତ ଧାନ ହୋଇଥିଲା। ଏହିଅବସରରେ ଅବସର ପ୍ରାପ୍ତ ଶିକ୍ଷକ ଜଗନ୍ନାଥ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାତୃ ପତାକା ଉତ୍ତୋଳନ କରିଥିଲେ। ଏହାପରେ ମାର୍ଚ ପାଷ୍ଟ ହୋଇଥିଲା। ଅପରାହ୍ନରେ ସ୍ୱତନ୍ତ୍ର ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ସଭାପତି ବୃନ୍ଦାବତୀ ପଣ୍ଡା ଯୋଗଦେଇ ସିଦ୍ଧି ଦିବସ ସମ୍ପର୍କରେ କହିଥିଲେ। ଏଥି ସହ ସେ ମାତୃ ପତାକା ଅବତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣ ଚନ୍ଦ୍ର ଭୁଲ୍ଲା, ସୋମନାଥ ଗୌଡ଼, ସୁଦର୍ଶନ ପୃଷ୍ଟି ଏବଂ ଅନ୍ୟ ଅପା ଭାଇମାନେ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କ ଜୀବନକୁ ଶୃଙ୍ଖଳିତ କରେ ଏନ୍‌ସିସି

**ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏନ୍‌ସିସି ଦିବସ**

ରାୟଗଡା, ୨୪।୧୧(ଭାଗ୍ୟଶ୍ରୀ ମିଶ୍ର)



ଅତିଥିଙ୍କ ସହ ଏନ୍‌ସିସି କ୍ୟାଡେଟ୍।

ରାୟଗଡାସ୍ୱୟଂଶାସିତମହାବିଦ୍ୟାଳୟରେ ୭୬ତମ ଏନ୍‌ସିସି ଦିବସ ରବିବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡା ବିଧାୟକ କାଡ୍ରାକା ଆପଲସ୍ୱାମୀ ଯୋଗଦେଇ ପତାକା ଉତ୍ତୋଳନ କରିବା ପରେ ପରେଡ ନିରୀକ୍ଷଣ କରିଥିଲେ। ଏନସିସି କିଭଳି ଛାତ୍ରୀଛାତ୍ରଙ୍କ ଜୀବନକୁ ଶୃଙ୍ଖଳିତ କରେ ସେ ନେଇ ବିଦାୟକ ବକ୍ତବ୍ୟ ଦେଇଥିଲେ। ମହାବିଦ୍ୟାଳୟର ସାମୁହିକ ବିକାଶ ପାଇଁ ପ୍ରଶାସନ ପକ୍ଷରୁ ୧୦ ଏକର ଜମି ପ୍ରଦାନ ନେଇ ସେ ଜିଲାପାଳଙ୍କ ସହିତ ଆଲୋଚନା କରିବେ ବୋଲି ବିଧାୟକ ପ୍ରତିଶୃତି ଦେଇଛନ୍ତି । ଏହି ଅବସରରେ ଏନ୍‌ସିସି କ୍ୟାଡେଟଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଆମ୍ବୁସ୍। ଆତଙ୍କବାଦୀ ଆକ୍ରମଣ ଭଣ୍ଡୁର କରିବାର ସହିତ ଆତଙ୍କବାଦୀଙ୍କୁ ମାରି ତାଙ୍କର ଯୋଜନାକୁ ବିଫଳ କରିବା ପ୍ରୟାସକୁ ଏନ୍‌ସିସି କ୍ୟାଡେଟମାନେ ଅଭିନୟ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଯାହାକୁ ଦେଖି ବିଧାୟକ ଭାବବିହ୍ୱଳ ହୋଇପଡ଼ିଥିଲେ। ଏନସିସି କ୍ୟାଡେଟଙ୍କ ମଧ୍ୟରେ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା କରାଯାଇଥିବାବେଳେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସିନିୟର ଅଣ୍ଡର ଅଫିସର ଏମ ବଳରାମ ଦୋରା ବାଳକ ବିଭାଗ ଏନ୍‌ସିସିର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସେହିପରି ସିନିୟର ଅଣ୍ଡର ଅଫିସର ମମତା ବିଭର ବାଳିକା ବିଭାଗ ଏନସିସିର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷା ବବିଲତା ସରଫ ସ୍ୱାଗତ ଭାଷଣ ଦେଇଥିବା ବେଳେ ଲେଫ୍ଟନାଣ୍ଟ ଉଦୟ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଧ୍ୟାପକ, ଅଧ୍ୟାପିକା, ଅଣ ଶିକ୍ଷକ କର୍ମଚାରୀ, ଛାତ୍ରୀଛାତ୍ର ଯୋଗଦେଇଥିଲେ ।



‘ରାୟଗଡ଼ା ପିତାମହଲସ୍ଥିତ ଧରିତ୍ରୀ କାର୍ଯ୍ୟାଳୟରେ ରବିବାର ‘ଧରିତ୍ରୀ’ର ୫୧ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ଉପସ୍ଥିତ କର୍ମଚାରୀ ।

## ୭୬ ତମ ସମର ଶିକ୍ଷାର୍ଥୀ ଦିବସ

ଗୁଣପୁର,୨୪।୧୧(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ମହାବିଦ୍ୟାଳୟ ପରିସରରେ ରବିବାର ସମର ଶିକ୍ଷାର୍ଥୀ ବାହିନୀ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠାନର ଅଧକ୍ଷ ଶଶୀ ଭୂଷଣ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତକା ଉତ୍ତୋଳନ କରିବା ସହ ଏହି ଦିବସର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ୧୯୪୮ରେ ସମର ଶିକ୍ଷାର୍ଥୀ ବାହିନି ଗଠନର ମୂଳ ଉଦେଶ୍ୟ ଯଥା ଛାତ୍ରୀଛାତ୍ରଙ୍କ ମଧ୍ୟରେ ନେତୃତ୍ୱ ଚରିତ୍ର ଗଠନ, ଶୃଙ୍ଖଳା ଜ୍ଞାନ, ନିସ୍ୱାର୍ଥପର ସେବା ଓ ଦେଶ ମାତୃକାର ସେବା ମନୋବୃତ୍ତି ଜାଗ୍ରତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ମତ ରଖିଥିଲେ। ସମର ଶିକ୍ଷାର୍ଥୀ ବାହିନିର କାର୍ଯ୍ୟକ୍ରମ ଅଧିକାରୀ ଲିଉଟନାଣ୍ଟ ଜିତେନ୍ଦ୍ର ବଡମୁଣ୍ଡିଙ୍କ ନେତୃତ୍ୱରେ ମାର୍ଚ୍ଚ ଫାଷ୍ଟ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପୂର୍ବରୁ ଆୟୋଜିତ ରକ୍ତଦାନ ଶିବିର, ସ୍ୱଚ୍ଛତା ହିଁ ସେବା, ରଥଯାତ୍ରାରେ ପୋଲିସକୁ ସାହାର୍ଯ୍ୟ, କ୍ୟାମ୍ପସ ସଫେଇ ଇତ୍ୟାଦି କାର୍ଯ୍ୟକ୍ରମ ପାଇଁ ଅଧକ୍ଷ ଧନ୍ୟବାଦ ଦେବାସହ ମହାବିଦ୍ୟାଳୟକୁ ପଲିଥିନ ମୁକ୍ତ କରିବାପାଇଁ ଅନୁରୋଧ କରିଥିଲେ। ଅନୁଷ୍ଠାନର ଅଧାପକ ଲକ୍ଷ୍ମଣ ଶବର, ଜ୍ୟୋତିରଞ୍ଜନ ପଟ୍ଟନାୟକ ଓ ତାମିଲା ପାରାସେଠ ଉପସ୍ଥିତ ଥିଲେ । ସମର ଶିକ୍ଷାର୍ଥୀ ବାହିନୀର ପ୍ରଶାନ୍ତ ସାହୁ , ସୁଶାନ୍ତ ସେଠି, ଗିରିଧର ଗମାଙ୍ଗ, ଶୁଭମ ଗୌଡ଼, ପ୍ରଦୀପ ନିମାଲା ପ୍ରମୁଖ ଉପସ୍ଥିତ ଥିଲେ ।

## ସିଂହଦ୍ୱାର, ଅରୁଣ ସ୍ତମ୍ଭ ନିର୍ମାଣ ପାଇଁ ମାପଚୁପ



ସିଂହଦ୍ୱାର ଓ ଅରୁଣ ସ୍ତମ୍ଭ ନିର୍ମାଣ ପାଇଁ ନକ୍ସା ପ୍ରଦର୍ଶିତ କରାଯାଉଛି ।

**ଗୁଣପୁର ଜଗନ୍ନାଥ ମନ୍ଦିର**

ଗୁଣପୁର,୨୪।୧୧(ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲା ଗୁଣପୁର ଜଗନ୍ନାଥ ମନ୍ଦିର ସମ୍ମୁଖରେ ନିର୍ମାଣ ହେବ ସିଂହଦ୍ୱାର ଏବଂ ଅରୁଣ ସ୍ତମ୍ଭ। ଏଥି ନିମନ୍ତେ ଗତ କିଛି ଦିନ ତଳେ ଶୁଭ ସ୍ଥାପନ କରାଯାଇଥିଲା। ରବିବାର ଏଥିସକାଶେ ଜମିର ମାପଚୁପ କରାଯାଇଛି। କମିଟିର ସଦସ୍ୟମାନଙ୍କ ପକ୍ଷରୁ ସିହଂଦ୍ୱାର ଏବଂ ଅରୁଣ ସ୍ତମ୍ଭ ନିର୍ମାଣ ପାଇଁ ନକ୍ସା ପ୍ରସ୍ତୁତ କରାଯିବା ସହ ଏହାକୁ ପ୍ରଦର୍ଶିତ କରାଯାଇଛି।

ସୂଚନାଯୋଗ୍ୟ, ଦୀର୍ଘ ଦଶନ୍ଧି ଧରି ଗୁଣପୁରରେ ଜଗନ୍ନାଥ ମନ୍ଦିର ନିର୍ମାଣ ହୋଇଥିଲେ ମଧ୍ୟ ଅରୁଣ ସ୍ତମ୍ଭ ଏବଂ ସିଂହଦ୍ୱାର ନିର୍ମାଣ ହୋଇନ ଥିଲା। ବର୍ତ୍ତମାନ ଏ ଦିଗରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପଦକ୍ଷେପ ନିଆଯାଇଥିବାରୁ ସାଧାରଣରେ ସ୍ୱାଗତ କରାଯାଇଛି। ବର୍ଷକ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ସାରିବା ସହ ପ୍ରାୟ କୋଟିଏ ଟଙ୍କା ଖର୍ଚ୍ଚ ହେବାର ଆକଳନ କରାଯାଇଛି। ମାପଚୁପ ସହ ନକ୍ସା ପ୍ରଦର୍ଶନ ଅବସରରେ ମନ୍ଦିର ପରିଚାଳନା କମିଟିର କାର୍ଯ୍ୟକାରୀ ସଭାପତି ଡ. ସୂର୍ଯ୍ୟ ନାରାୟଣ ପଣ୍ଡା, ସମ୍ପାଦକ ନିରଞ୍ଜନ ପାଢି, ରାଜସ୍ୱ ପରିଦର୍ଶକ ପତିତପାବନ ରଥ, ଆଦିତ୍ୟ ବାହିନୀର ତ୍ରିପତି ମହାନ୍ତି, କାଉନସିଲର ଭାଗିରଥୀ ବିଶୋୟୀ, ଅଶୋକ ରଥ, ଗୌରି ଶଙ୍କର ପଣ୍ଡା, ଗାଙ୍ଗରାଜୁ ଶବର, ରବି ନାରାୟଣ ପଣ୍ଡା ଏବଂ ନିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ତଦାରଖ କରିଥିଲେ।

## ସଂକ୍ଷେପରେ

### ୧୭ କେଜି ଗଞ୍ଜେଇ ଜବତ, ୨ ଗିରଫ

ରାୟଗଡା,୨୪।୧୧(ଆଶିଷ ରଞ୍ଜନ ପଣ୍ଡା)

ବିହାରକୁ ଗଞ୍ଜେଇ ଚୋରା ଚାଲାଣ ବେଳେ ରାୟଗଡା ରେଳ ଷ୍ଟେଶନରୁ ଆରପିଏଫ ୨ ଜଣ ଯୁବକଙ୍କୁ ଧରି ଅବକାରୀ ବିଭାଗକୁ ହସ୍ତାନ୍ତର କରିଛି। ଗିରଫ ୨ ଅଭିଯୁକ୍ତ ହେଲେ ରାକେଶ ଚୌରାସିଆ ଓ ଅଖିଲେଶ କୁମାର। ଉଭୟଙ୍କ ଘର ବିହାରର କୋଡ୍ରା ସହରରେ ବୋଲି ସୂଚନା ମିଳିଛି। ସେମାନଙ୍କଠାରୁ ପୋଲିସ ୧୭.୮୦୦ କେଜି ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷ ୭୮ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ରବିବାର ସକାଳ ପ୍ରାୟ ୧୧ଟାରେ ଦୁଇ ଅଭିଯୁକ୍ତ ଗୋଟିଏ ବ୍ୟାଗରେ ଗଞ୍ଜେଇ ଧରି ଟ୍ରେନ୍‌ରେ ଯିବା ପାଇଁ ଅପେକ୍ଷା କରିଥିଲେ। ସେହି ସମୟରେ ପାଟ୍ରୋଲିଂ କରୁଥିବା ରେଲୱେ ପୋଲିସର ଉଭୟଙ୍କ ଉପରେ ସନ୍ଦେହ ହେବାରୁ ସେମାନଙ୍କ ବ୍ୟାଗ ଯାଞ୍ଚ କରିବାରୁ ଗଞ୍ଜେଇ ବାହାରିଥିଲା। ତୁରନ୍ତ ସେମାନଙ୍କୁ ଧରି ଥାନାକୁ ଆଣି ଅବକାରୀ ବିଭାଗକୁ ସୂଚନା ଦିଆଯାଇଥିଲା। ଅବକାରୀ ଏଏସ୍‌ଆଇ ରାଶୀ ନାୟକଙ୍କ ନେତୃତ୍ୱରେ ଅବକାରୀ କର୍ମଚାରୀ ଆସି ଉଭୟଙ୍କୁ ଗିରଫ କରିଥିଲେ। ତେବେ ରାୟଗଡାରେ ଜଣେ ବ୍ୟକ୍ତି ସେମାନଙ୍କୁ ଗଞ୍ଜେଇ ବିକ୍ରି କରିଥିବା ସେମାନେ ପୋଲିସକୁ ସୂଚନା ଦେଇଛନ୍ତି। ଫୋନରେ ଯୋଗାଯୋଗ କରି ଗଞ୍ଜେଇ ସଂଗ୍ରହ ପରେ ଟଙ୍କା ପ୍ରଦାନ କରିଥିବା ଦୁଇ ଚାଲାଣକାରୀ ସୂଚନା ଦେଇଛନ୍ତି।

## ଗଛରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ





ମାଜିଷ୍ଟ୍ରେଟ୍, ଗ୍ରାମବାସୀଙ୍କ ଉପସ୍ଥିତିରେ ପୋଲିସ ଘଟଣାର ତଦନ୍ତ କରୁଛି।

**ହତ୍ୟା ଅଭିଯୋଗ ଆଣିଲେ ପରିବାରବର୍ଗ**

ଅମ୍ବାଦଳା,୨୪।୧୧(ରବୀନ୍ଦ୍ର ପଣ୍ଡା)

ରାୟଗଡ଼ା ଜିଲା ଅମ୍ବାଦଳା ଥାନା ଅନ୍ତର୍ଗତ ରଘୁବାରି ପଞ୍ଚାୟତ କୁଡୁରୁ ଗ୍ରାମ ନିକଟରେ ଥିବା ଏକ ଡିମିରି ଗଛରୁ ପୋଲିସ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ସନିଆ ବିଭାର। ପ୍ରେମ ବିବାହର ୪ ବର୍ଷ ନ ପୂରୁଣୁ ଯୌତୁକ ପାଇଁ ଝିଅକୁ ହତ୍ୟା କରି ଗଛରେ ଝୁଲାଇଦେଇଥିବା ମୃତକଙ୍କ ପରିବାର ଲୋକେ ଅମ୍ବାଦଳା ଥାନାରେ ଅଭିଯୋଗ କରିଛନ୍ତି। ବିଷମ କଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମଙ୍କ ସହ ଅମ୍ବାଦଳା ଥାନା ଅଧିକାରୀ କଳ୍ପନା ବେହେରା ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତ ସମୟରେ ମାଜିଷ୍ଟ୍ରେଟ ଭାବେ ବିଷମକଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ ଉପସ୍ଥିତ ଥିଲେ।

ରଘୁବାରି ପଞ୍ଚାୟତ ଖଲିଆଗୁଡା ଗ୍ରାମର ପରିକ୍ଷିତ ବିଭାରଙ୍କ ଝିଅ ସନିଆ ୪ ବର୍ଷ ତଳେ କୁଡୁରୁ ଗ୍ରାମ ଅକୁର କୁଲଦିପିଆଙ୍କ ପୁଅ ଆଶିନ କୁଲଦିପିଆଙ୍କୁ ପ୍ରେମ ବିବାହ କରିଥିଲେ। ପରେ ଯୌତୁକ ଦାବିକରି ସ୍ୱାମୀ, ଶ୍ୱଶୁର, ଶାଶୁ ମିଶି ସନିଆଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ନିର୍ଯାତନା ଅସହ୍ୟ ହେବାରୁ ସନିଆ ଦୀପାବଳି ଦିନ ଶାଶୁଘର ଛାଡି ନିଜ ବାପଘର ଖଲିଆଗୁଡା ଗ୍ରାମକୁ ପଳାଇ ଆସିଥିଲେ। ବାପଘରେ କିଛିଦିନ ରହିବା ପରେ ସମସ୍ୟାର ସମାଧାନ କରିବା ପାଇଁ ଆଶିନ ଖଲିଆଗୁଡା ଗ୍ରାମକୁ ଆସି ସ୍ତ୍ରୀ ସନିଆଙ୍କୁ ବୁଝାଶୁଝା କରି ଘରକୁ ନେଇଥିଲେ। ହେଲେ ଶନିବାର କୁଡୁରୁ ଗାଁ ନିକଟ ଆଦିବାସୀ ସାହି ପାଖ ଏକ ଡିମିରି ଗଛରେ ସନିଆଙ୍କ ମୃତଦେହ ଝୁଲୁଥିବା ପରିବାର ଲୋକ ଶୁଣି କିଛି ସମୟ ପରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅନ୍ୟପକ୍ଷେ ଝିଅକୁହତ୍ୟା କରିଝୁଲାଇଦିଆଯାଇଥିବା ମୃତ ଯୁବତୀଙ୍କ କକା ବୈକୁଣ୍ଠ ବିଭାର ଅମ୍ବାଦଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମୃତ ସନିଆଙ୍କ ୨ ବର୍ଷର ଏକ ଝିଅ ଅଛି।

## ୧୦ ହଜାର ଗଞ୍ଜେଇ ଗଛ ନଷ୍ଟକଲା ପୋଲିସ

ଗୁଡାରି,୨୪।୧୧(ପ୍ରମୋଦ କୁମାର ପତି )



ଗଞ୍ଜେଇ ଗଛ ନଷ୍ଟ କାର୍ଯ୍ୟକ୍ରମରେ ନିୟୋଜିତ କର୍ମଚାରୀ ଓ ପୋଲିସ।

ରାୟଗଡ଼ା ଜିଲା ଗୁଡାରି ପୋଲିସ ଶନିବାର କଦମା ଗ୍ରାମପଞ୍ଚାୟତର ଟଙ୍ଗରମା ଗ୍ରାମରେ ୫ ଏକର ଜମିରେ ଚାଷ ହୋଇଥିବା ୧୫,୦୦୦ ଗଞ୍ଜେଇ ଗଛକୁ ନଷ୍ଟ କରିଛନ୍ତି। ଏ ନେଇ ଥାନାରେ ୧୨୫/୨୪ ମାମଲା ରୁଜୁ କରାଯାଇଛି। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଗୁଣପୁର ଏସ୍‌ଡିପିଓ ବାବୁଲି ନାୟକଙ୍କ ତତ୍ତ୍ୱାବଧାନରେ ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ଉପସ୍ଥିତିରେ ଏହି ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ୍ ପ୍ରଶାସନ, ଅବକାରୀ ବିଭାଗ, ରାଜସ୍ୱ ବିଭାଗ, ବନ ବିଭାଗ ଓ ପୋଲିସ ବାହିନୀ ଯୋଗ ଦେଇଥିଲେ। ପ୍ରକାଶଥାଉ କି, ଗତ ଶୁକ୍ରବାର ଗୁମି ଅଞ୍ଚଳରେ ୬ ଏକର ଜମିରେ ଚାଷ ହୋଇଥିବା ୧୮ହଜାର ଗଞ୍ଜେଇ ଗଛ ପୋଲିସ ନଷ୍ଟ କରିଥିଲା।

### ଉପାନ୍ତରେ ସାହିତ୍ୟର ଅସ୍ମିତାକୁ ନେଇ ଆଲୋଚନାଚକ୍ର



ରାୟଗଡ଼ା,୨୪।୧୧(ଆଶିଷ ରଞ୍ଜନ ପଣ୍ଡା)

ସ୍ଥାନୀୟ ରାମକୃଷ୍ଣ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଉପାନ୍ତରେ ସାହିତ୍ୟର ଅସ୍ମିତାକୁ ନେଇ ଏକ ଆଲୋଚନାଚକ୍ର, ଦେଶାତ୍ମବୋଧକ ଏବଂ ଆଧାତ୍ମିକ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ କବିରାଜ ମହାରଣା, ଡ. ରତି ରଞ୍ଜନ ଦାଶ, ଲଳିତ ମୋହନ ଜେନା, ପ୍ରମୋଦ କୁମାର ମହାନ୍ତି ଓ ଆନନ୍ଦ ଚନ୍ଦ୍ର ପଣ୍ଡା ମଞ୍ଚାସୀନ ଥିଲେ। ଉପସ୍ଥିତ ଅତିଥିଙ୍କୁ ମାନପତ୍ର ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମର ମଞ୍ଚକୁ ସସ୍ମିତା ମିଶ୍ର ଓ ପ୍ରଦୀପ ନାୟକ ପରିଚାଳନା କରିଥିଲେ । ଅତିଥି ଭାବେ ସଦାଶିବ ରାଜଗୁରୁ, ପଦ୍ମିନୀ ମିଶ୍ର ଓ ମହେଶ୍ୱେତା ପାଣିଗ୍ରାହୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । କବି ଜୟଦେବ ସିଠ ଧନ୍ୟବାଦ ଅର୍ପଣ କରିଥିଲେ ।

### ସତ୍ୟସାଇବାବାଙ୍କ ଜନ୍ମଦିନ ପାଳିତ

ବିଷମକଟକ, ୨୪।୧୧ (ପ୍ରସନ୍ନ କୁମାର ପଣ୍ଡା)

ବିଷମକଟକ ବ୍ଲକ୍‌ଅନ୍ତର୍ଗତ ହାଟମୁନିଗୁଡାସ୍ଥିତ ସତ୍ୟ ସାଇବାବାଙ୍କ ମନ୍ଦିରରେ ବାବାଙ୍କ ଜନ୍ମଦିନ ପାଳିତ ହୋଇଛି। ବାବାଙ୍କ ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶନିବାର ପୂର୍ବାହ୍ନ ୧୧ଟାରେ ଶ୍ରଦ୍ଧାଳୁ ବାବାଙ୍କ ନାମ ଧରି ଗ୍ରାମ ପରିକ୍ରମା କରିଥିଲେ। ସନ୍ଧ୍ୟାରେ ଭଜନ କୀର୍ତ୍ତନ କରାଯାଇଥିଲା । ସତ୍ୟ ସାଇବାବା କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ୫୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

## ଦିବ୍ୟ ଦର୍ଶନ ସଂଘର ସତ୍‌ସଙ୍ଗ କାର୍ଯ୍ୟକ୍ରମ

ଗୁଣପୁର/ପଦ୍ମପୁର,୨୪।୧୧(ପ୍ରଦୀପ କୁମାର ପାଢ଼ୀ/ପ୍ରଶାନ୍ତ କୁମାର କର)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଅର୍ଜୁନଙ୍କ ପ୍ରତିଷ୍ଠିତ ‘ଦିବ୍ୟ ଦର୍ଶନ ସଂଘ’ ଗୁମୁଡ଼ା ନିକଟସ୍ଥ ଗୋପାଳପୁର ଦିବ୍ୟ ଦର୍ଶନ ଜ୍ଞାନ ମନ୍ଦିର ପରିସରରେ ରବିବାର ସତ୍‌ସଂଗ ଆୟୋଜନ କରାଯାଇଥିଲା। ଗୁରୁ ଭାଇ ସୀମାଞ୍ଚଳ ରାଓ ଏବଂ ଗୁରୁ ଭାଇ ନରେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ୟାସପୀଠରେ ଅଳଙ୍କୃତ ହୋଇଥିବା ବରିଷ୍ଠ ଗୁରୁଭାଇ ତଥା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, କେନ୍ଦ୍ରୀୟ କମିଟିର ସଦସ୍ୟ ବାସିନୀ ଭୂଜଙ୍ଗ ରାଓ, ଗୁରୁ ଭାଇ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବାସିନୀ ରାମା ରାଓ ଯୋଗଦାନ କରି ସଦ୍‌ଗୁରୁ ଶ୍ରୀ ଶ୍ରୀ ଅର୍ଜୁନଙ୍କ ଅମୃତ ଦିବ୍ୟ ବାଣୀ ପ୍ରଦାନ କରିଥିଲେ। ସତ୍‌ସଙ୍ଗରେ ହରିହର ସ୍ୱାଇଁ, ଶ୍ରୀନୁ ଭାଇ, ଏସ୍.ନାଗମଣି ସଙ୍ଗୀତ ଗାନ କରିଥିବା ବେଳେ ପି. ଗୋପାଳ ରାଓ, ଦିତି କୃଷ୍ଣ ସେନାପତି, ଏମନା ମୂର୍ତ୍ତୀ, ଜଗନ୍ନାଥ ଦାସ, ସଞ୍ଜୟ ପଣ୍ଡା, ସୀମାଞ୍ଚଳ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁ ଭାଇ ଆରୋକା ଗୋପାଳ ଜ୍ଞାନ ମନ୍ଦିର ନିର୍ମାଣ ପାଇଁ ସ୍ଥାନ ପ୍ରଦାନ କରିଥିଲେ। ଗୁରୁଭାଇ ବାସିନୀ ଭୂଜଙ୍ଗ ରାଓଙ୍କ ତତ୍ତ୍ୱାବଧାନରେ କେନ୍ଦ୍ରୀୟ କମିଟିର ବରିଷ୍ଠ ସଦସ୍ୟଙ୍କ ଦ୍ୱାରା ଗତ ୧୨ ତାରିଖରେ ଜ୍ଞାନ ମନ୍ଦିର ଶୁଭ ଉଦ୍‌ଘାଟନ କରିଥିଲେ ।



## ଖମ୍ବେସୀରେ ନିୟମଗିରି ଆଉଟରିଚ୍ କାର୍ଯ୍ୟକ୍ରମ

ରାୟଗଡ଼ା,୨୪।୧୧ (ଆଶିଷ ରଞ୍ଜନ ପଣ୍ଡା)



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ରେଡିଓ ସାମ୍ବାଦିକତା ଛାତ୍ରୀଛାତ୍ର।

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା କ୍ଷମତାପ୍ରାପ୍ତ ରେଡିଓ ଗାର୍ଡେନ ୯୦.୪ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ନିୟମଗିରି ଅଞ୍ଚଳର ଖାମ୍ବେସୀ ଗ୍ରାମରେ ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମିଟ୍ସ ଗ୍ରୁପ ସହଯୋଗରେ ଇଣ୍ଟର୍ନଶିପ ରେଡିଓ ସାମ୍ବାଦିକତା କାର୍ଯ୍ୟକ୍ରମ ‘ୱି ଦ ଭଏସ୍’ ସହିତ ମିଳିତ ଭାବରେ ପରିଚାଳିତ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାୟଗଡ଼ା ବ୍ଲକ ଉପାଧକ୍ଷ ହରପ୍ରସାଦ ହେପ୍ରୁକା, ଅନିତା ଷଡ଼ଙ୍ଗୀ, ରାୟଗଡ଼ା କମ୍ୟୁନିଟି ରେଡ଼ିଓ ଷ୍ଟେଶନର କାର୍ଯ୍ୟକାରୀ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ପଣ୍ଡା, ଉପ ନିର୍ଦ୍ଦେଶକ ଜିବିକେ ମହାନ୍ତି, ଷ୍ଟେସନ ମ୍ୟାନେଜର ପ୍ରିନ୍ସ ପ୍ରିୟଦର୍ଶିନୀ ମାଝୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଏମଆଇପିଏସ ବିଏସ୍‌ସି କୃଷିର ୨୭ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଅଞ୍ଚଳରେ ବସବାସ କରୁଥିବା ଆଦିମ ଡଙ୍ଗରିଆ ଜନଜାତିର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ବିଷୟରେ ଜାଣିବା ପାଇଁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରିଥିଲା। ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସାଂସ୍କୃତିକ ସଚେତନତା, ସାମାଜିକ ସଶକ୍ତୀକରଣ ଏବଂ ସମାବେଶୀ ବାର୍ତ୍ତାଳାପକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ପ୍ରାଥମିକ ଉଦ୍ଦେଶ୍ୟ ବୋଲିଅତିଥିମାନେମତପୋଷଣ କରିଥିଲେ। ଚିତ୍ତାକର୍ଷକ ଆଲୋଚନା, ଭାବ ବିନିମୟ ଅଧିବେଶନ ଏବଂ ପ୍ରଶିକ୍ଷଣ ମାଧ୍ୟମରେ ଅଂଶଗ୍ରହଣକାରୀମାନେ ରେଡିଓ ସାମ୍ବାଦିକତା ଏବଂ ଗୋଷ୍ଠୀ ପ୍ରସାରଣ ଦୁନିଆରେ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ହାସଲ କରିଥିଲେ। ପଡାଲା ଶିବ ଦୁର୍ଗା ସତୀଶ ରେଡ୍ଡୀ, କ୍ରାର୍ଯ୍ୟକ୍ରମ ସଂଯୋଜକ ଏବଂ ସୁବର୍ଦ୍ଧନୀ ୱାଡାକା, ସର୍ପ, ଖାମ୍ବେସୀ, ଆଉଟରିଚ ଅଧିବେଶନକୁ ସୁଗମ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ୫ ବର୍ଷ ପରେ ବି କାର୍ଯ୍ୟକ୍ଷମ ହେଉନି ଛାତ୍ରୀନିବାସ

ଗୁଡାରି,୨୪।୧୧ (ପ୍ରମୋଦ କୁମାର ପତି )



- ଗୁଡ଼ାରି ବିଜ୍ଞାନ ଜୁନିୟର କଲେଜ
- ଭୂତକୋଠି ପାଲଟିଛି ନିର୍ମାଣାଧୀନ କୋଠା

ଆଦିବାସୀ ଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ପ୍ରଦାନ ନିମନ୍ତେ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ନେଉଛନ୍ତି। ରାୟଗଡା ଜିଲା ଗୁଡାରି ବିଜ୍ଞାନ ଜୁନିୟର କଲେଜ ପରିସରରେ ଛାତ୍ରୀଙ୍କ ରହଣି ନିମନ୍ତେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ନିର୍ମାଣ କରାଯାଇଛି। ଏହାର କିଛିଦିନ ପରେ ଏହି କୋଠା ନିକଟରେ ଆଉ ଗୋଟିଏ ନୂତନ କୋଠା ଛାତ୍ରୀନିବାସ ନିମନ୍ତେ ନିର୍ମାଣ ହୋଇଛି। ଇତିମଧରେ ଦୀର୍ଘ ୫ ବର୍ଷ ବିତିଯାଇଥିଲେ ମଧ ଏହି ଛାତ୍ରୀନିବାସ କାର୍ଯ୍ୟକ୍ଷମ ହୋଇପାରି ନାହିଁ। କଲେଜ କର୍ତ୍ତୃପକ୍ଷଙ୍କ କହିବାନୁଯାୟୀ ଛାତ୍ରୀ ନିବାସ ପାଇଁ କୋଠା ନିର୍ମାଣ ହେଲା, କିନ୍ତୁ ଏହି ନିର୍ମାଣାଧୀନ କୋଠା କେବଳ ଫଳକରେ ସୀମିତ ରହିଯାଇଛି। ଛାତ୍ରୀନିବାସ ପାଇଁ ଆବଶ୍ୟକତା ଅନୁଯାୟୀ ଆସବାପତ୍ର, ଅତି କମ୍‌ରେ ଜଣେ ଲେଡି ମ୍ୟାଟ୍ରନ, ଜଣେ ସ୍ଥାୟୀ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତି ହୋଇନାହାନ୍ତି । ଫଳରେ ନିର୍ମାଣାଧୀନ ଛାତ୍ରୀନିବାସ ଅବ୍ୟବହୃତ ଅବସ୍ଥାରେ ପଡି ଭୂତକୋଠିରେ ପରିଣତ ହୋଇଛି। କୋଠାର ଚତୁଃପାର୍ଶ୍ୱରେ ଗଛଲତା ଉଠି ଜଙ୍ଗଲ ଭଳି ଦେଖାଯାଉଛି।

ଅନ୍ୟପକ୍ଷରେ କଲେଜରେ ହଷ୍ଟେଲ ସୁବିଧା ନ ଥିବାରୁ ପ୍ରାୟ ୮୦% ଛାତ୍ରୀ ଗୁଡାରି ବାହାରୁ ପ୍ରତିଦିନ ଯିବା ଆସିବାସ କରିଥାନ୍ତି। କଲେଜକୁ ଯିବାଆସିବାରେ ବହୁ ସମୟ ନଷ୍ଟ ହେବା ସହ ପ୍ରତିଦିନ ଗାଡି ଭଡ଼ା ଦେଇ ଯାତାୟାତ କରିବା ସମସ୍ତ ଛାତ୍ରୀଙ୍କ କ୍ଷେତ୍ରରେ ସମ୍ଭବ ହୋଇ ନ ଥାଏ ବୋଲି ଅନେକ ଛାତ୍ରୀ ମତ ଦେଇଛନ୍ତି। ଏହାଛଡା କେତେଜଣ ଛାତ୍ରୀ କଲେଜ ଛାତ୍ରୀନିବାସରେ ରହି ଟ୍ୟୁଶନ, କମ୍ପ୍ୟୁଟର ଶିକ୍ଷା କିମ୍ବା ଅନ୍ୟ ତାଲିମ ନେବା ପାଇଁ ଇଚ୍ଛୁକ ଥିଲେ ମଧ ଏହି ସୁବିଧାରୁ ବଞ୍ଚିତ ହେଉଥିବା କହିଛନ୍ତି। ବର୍ତ୍ତମାନ ଏହି କଲେଜରେ ଯୁକ୍ତ ୨ ବିଜ୍ଞାନରେ ପ୍ରଥମ ଓ ଦ୍ୱିତୀୟ ବର୍ଷରେ ୧୩ ଜଣ ଛାତ୍ରୀ ପଢୁଥିବା ବେଳେ କଳାରେ ୧୫୮ ଜଣ ଛାତ୍ରୀ ଅଧ୍ୟୟନ କରୁଛନ୍ତି। କଲେଜରେ ମୋଟ ୧୭୧ ଜଣ ଛାତ୍ରୀଙ୍କ ମଧ୍ୟରୁ ୧୩୫ ଜଣ ଆଦିବାସୀ ହରିଜନ ସମ୍ପ୍ରଦାୟର ବୋଲି ଜଣାପଡ଼ିଛି। ସ୍ଥାନୀୟ ପ୍ରଶାସନ, କଲେଜ କର୍ତ୍ତୃପକ୍ଷ କିମ୍ବା ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ କଲେଜର ସମସ୍ୟା ସୁଧୁରିପାରୁ ନ ଥିବା ଅଭିଭାବକ ମହଲରେ ଅଭିଯୋଗ ହୋଇଛି। ଖୁବ୍‌ଶୀଘ୍ର ଏହି ଛାତ୍ରୀନିବାସ କାର୍ଯ୍ୟକ୍ଷମ କରିବା ନିମନ୍ତେ ଗୁଡାରି ବ୍ଲକ୍ ବାସୀ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଅଧକ୍ଷ ଦାୟିତ୍ୱରେ ଥିବା ଗୁମୁଡା କଲେଜ ଇଂଲିଶ ଅଧାପକ ଅରୁଣ କୁମାର ମାଝୀ କହିଛନ୍ତି, ଗୁଡାରି ବିଜ୍ଞାନ ଜୁନିୟର କଲେଜରେ ଜଣେ ହେଲେ ସରକାରୀ ଅଧାପକ ନ ଥିବାରୁ ଛାତ୍ରୀନିବାସ ଦାୟିତ୍ୱରେ କିଏ ରହିବେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫଳରେ ଛାତ୍ରୀନିବାସ କୋଠା ଅବହେଳିତ ଅବସ୍ଥାରେ ପଡ଼ି ରହିଛି। କଲେଜରେ ସ୍ଥାୟୀ ଅଧାପକ ନିଯୁକ୍ତି ହେଲେ ଛାତ୍ରୀନିବାସ କାର୍ଯ୍ୟକ୍ଷମ ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି।।

# ରାଜସ୍ୱ ଅମଲା ସଂଘ ଜିଲାଶାଖା ସ୍ୱତନ୍ତ୍ର ଅଧିବେଶନ

ମାଲକାନଗିରି,୨୪।୧୧(ଦୁର୍ଯ୍ୟୋଧନ ପାତ୍ର)



ମାଲକାନଗିରି ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଓଡିଶା ରାଜସ୍ୱ ଅମଲା ସଂଘ ଶାଖା ଆନୁକୂଲ୍ୟରେ ଏକ ସ୍ୱତନ୍ତ୍ର ଅଧିବେଶନର ଆୟୋଜିତ ହୋଇଯାଇଛି। ସଂଘ ଜିଲା ସଭାପତି ଚିଲିପି କ୍ରିଷ୍ଣା ରାଓଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଓଡିଶା ଅମଲା ସଂଘ ଜିଲା ସଭାପତି ଶ୍ୟାମସୁନ୍ଦର ନାୟକ ମଞ୍ଚ ପରିଚାଳନା କରିଥିଲେ । ସ୍ୱତନ୍ତ୍ର ଅତିଥି ଅମଲା ସଂଘ ଜିଲା ସମ୍ପାଦକ ଲକ୍ଷ୍ମୀଧର ଦାସ ଯୋଗ ଦେଇଥିଲେ। ସେହିପରି ରାଜସ୍ୱ ଅମଲା ସଂଘ ଜିଲା ସମ୍ପାଦକ ଦିଲୀପ କୁମାର ନାୟକ, ସାଂଗଠନିକ ସମ୍ପାଦକ ଟୁକୁନା ପଡିଆରି, ଉପସଭାପତି ଏମ୍.ଡି. ଗାଉସ୍ ମୋହେଉଦ୍ଦିନ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ପୃଷ୍ଟି, ପୂର୍ବତନ ସଭାପତି ବସନ୍ତ କୁମାର ପଟ୍ଟନାୟକ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଦିବ୍ୟସିଂ ପାଇକରାୟ, ରଘୁନାଥ ବେହେରା, ବାଣୀ କିଙ୍କର ପଟ୍ଟନାୟକ ଅଜିତ କୁମାର ପାତ୍ର, ବାପାଦିତ୍ୟ ମଲ୍ଲିକ, ସନ୍ତୋଷ ସେନାପତି ଓ ସୁଶାନ୍ତ ପ୍ରଧାନଙ୍କ ସମେତ ବହୁ ଅମଲା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅଧିବେଶନରେ ମାଲକାନଗିରି ଏକ ସ୍ୱତନ୍ତ୍ର ଜିଲା ହେବାଠାରୁ ଆଜି ପର୍ଯ୍ୟନ୍ତ ରାଜସ୍ୱ ବିଭାଗରେ ଚାକିରିକରି ଅବସରଗ୍ରହଣ କରିଥିବା ୨୦ ରୁ ଉର୍ଦ୍ଧ୍ୱ ବୟୋଜ୍ୟେଷ୍ଠ ଅମଲାମାନଙ୍କୁ ଉତ୍ତରୀୟ ଦେଇ ସମ୍ମାନୀତ କରାଯାଇଥିଲା। ମାର୍ଚ୍ଚରେ ରାଜସ୍ୱ ବିଭାଗରେ ନିଯୁକ୍ତି ପାଇଥିବା ୪୦ ଅମଲାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଟୁକୁନା ପଡିଆରି ଧନ୍ୟବାଦ ଅର୍ପଣ କରିଥିଲେ।

**ସଂକ୍ଷେପରେ**

## ଗଞ୍ଜେଇ ସହ ବାଇକ ଜବତ, ୨ ଗିରଫ



କୋରୁକୋଣ୍ଡା, ୨୪।୧୧(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଓର୍କେଲ ପୋଲିସ ଶନିବାର ବାହାର ରାଜ୍ୟକୁ ଚୋରାଚାଲାଣ କରୁଥିବା ୨୨ କି.ଗ୍ରା. ଗଞ୍ଜେଇ ଓ ଗୋଟିଏ ବାଇକ୍ ସହ ୨ ଯୁବକଙ୍କୁ ଗିରଫ କରିଛି। ଗିରଫ ଦୁଇ ଜଣ ହେଲେ କାଲିମେଲା ଥାନା ଅନ୍ତର୍ଗତ କୁର୍ମାନୁର ପଞ୍ଚାୟତ ରାସବେଡା ଗ୍ରାମର ପ୍ରତାପ ଖେମୁଡୁ (୨୫), ସୁବା ଖେମୁଡୁ(୧୮) । ସୂଚନା ଅନୁଯାୟୀ, କୁର୍ମାନୁର ଅଞ୍ଚଳରୁ ଗଞ୍ଜେଇ ତେଲଙ୍ଗାନାକୁ ଚାଲାଣ ହେଉଥିବା ସମ୍ପର୍କରେ ଥାନା ଅଧିକାରୀଙ୍କୁ ସୂଚନା ମିଳିଥିଲା। ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ମନୋହର ସାହୁ ଓ ଏଏସ୍‌ଆଇ ମିଳନ ବାରିହାଙ୍କ ନେତୃତ୍ୱରେ ହାବିଲଦାର ପ୍ରଶାନ୍ତ ଖୋସ୍‌ଲା, ପ୍ରହଲ୍ଲାଦ କରସ୍ତା ଓ ବଳରାମ ଜାନିଙ୍କ ସମେତ ଏକ ସ୍ୱତନ୍ତ୍ର ଟିମ୍ ଶନିବାର ବାଲିମେଲା ଛକ ନିକଟରେ ପାଟ୍ରୋଲିଂ ବେଳେ ଡାଇକ୍-୩ ରାସ୍ତାପଟୁ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍‌ରେ ଦୁଇଜଣ ଯୁବକ ବସ୍ତାରେ କିଛି ସାମଗ୍ରୀ ଆଣୁଥିବା ଦେଖି ସନ୍ଦେହ ହେବାରୁ ଅଟକାଇ ଯାଞ୍ଚ କରିବାରୁ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ଗଞ୍ଜେଇ ସହ ବାଇକ୍ ନମ୍ବର ଟିଏସ୍ ୨୯ଇ୨୧୯୦ ଜବତ କରି ୨ ଯୁବକଙ୍କୁ ଗିରଫ କରି ଥାନାକୁ ଆଣିଥିଲେ। ଏ ନେଇ ନଂ. ୩୬୮/୨୪ରେ ଏକ ମାମଲା ରୁଜୁକରି ରବିବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି ।

## ମା' ସାରଦା ମଠ ସନ୍ନ୍ୟାସିନୀଙ୍କ ବିଦ୍ୟାଳୟ ପରିଦର୍ଶନ

କୋରାପୁଟ,୨୪।୧୧(ଅମିତାଭ ବେହେରା)

କୋରାପୁଟସ୍ଥିତ ଶ୍ରୀ ରାମକୃଷ୍ଣ ବିଦ୍ୟା ମନ୍ଦିରରେ ଏକ ଆଧାତ୍ମିକ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲିକତାସ୍ଥିତ ମା' ସାରଦା ମଠ ସନ୍ନ୍ୟାସିନୀ ପ୍ରବାଜିତ ବିତଭୟ ରାଣା ଯୋଗଦେଇ ମା' ସାରଦା ଦେବୀ, ରାମକୃଷ୍ଣ ପରମହଂସ ଓ ସ୍ୱାମୀ ବିବେକାନନ୍ଦଙ୍କର ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ସଭାପତି ତଥା ଶ୍ରୀ ରାମକୃଷ୍ଣ ସତ୍‌ସଂଘ ସମ୍ପାଦକ ଡାକ୍ତର ଅମୂଲ୍ୟ ମହାପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧକ୍ଷା ତପସ୍ୱିନୀ ମହାପାତ୍ର ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ।

## ଭାରସାମ୍ୟ ହରାଇ ଓଲଟିଲା ଟ୍ୟାଙ୍କର

ଜୟପୁର,୨୪।୧୧(ପବନ ପାଣିଗ୍ରାହୀ)

ଜୟପୁର ଘାଟିରେ ଓଲଟିଲା ବିଶାଖାପାଟଣାରୁ ବରଗଡ ଯାଉଥିବା ଏକ ଟ୍ୟାଙ୍କର ଭାରସାମ୍ୟ ହରାଇ ଓଲଟି ଡ୍ରାଇଭର ଆହାତ ହୋଇଛନ୍ତି। ସଦର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବୃହଦାକାର ସମବାୟ ସମିତି ବାର୍ଷିକ ସାଧାରଣ ବୈଠକ

ମାଥିଲି,୨୪।୧୧(ସୁବାଷ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲିରେ ଥିବା ବୃହଦାକାର ସମବାୟ ସମିତି ସଭାନେତ୍ରୀ ମୁନିବତୀ ବୁଡୁବାଡିଙ୍କ ନେତୃତ୍ୱରେ ବାର୍ଷିକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥି,କେସିସି ବ୍ୟାଙ୍କ ନିର୍ଦ୍ଦେଶକ ରମାକାନ୍ତ ରାଉଳ ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମାଲକାନଗିରି ଜିଲା ଏଆରସିଏସ୍,ଓଡିଶା କୋଅପରେଟିଭ ସଂଘ ସଭାପତି ଦିଗାମ୍ବର ନାୟକ, କେସିସି ବ୍ୟାଙ୍କ ନିର୍ଦ୍ଦେଶକ ଭୀମ ହରିଜନ,କେସିସି ବ୍ୟାଙ୍କ ନିର୍ଦ୍ଦେଶକ ଓ କୁଡୁମୁଲୁଗୁମ୍ମା ବୃହଦାକାର ସମବାୟ ସମିତି ସଭାପତି ଗୋପୀ ପାଙ୍ଗି ଓ ଉଦୟନାଥ ମାନ୍ଦ୍ରୀ, ମାଥିଲି ବୃହଦାକାର ସମବାୟ ସମିତି ଉପ ସଭାନେତ୍ରୀ ଡମୁଣି ପୂଜାରୀ ଯୋଗଦେଇ ଚଳିତ ବର୍ଷ ମଣ୍ଡି ତଥା ଯେଉଁ ଚାଷୀମାନେ ଋଣ ନେଇଛନ୍ତି ସେମାନେ କିପରି ଧାର୍ଯ୍ୟ ସମୟରେ ପୈଠ, ବାର୍ଷିକ ସାଧାରଣ ସଭା ବିବରଣୀ ପଠନ ଓ ନିଷ୍ପତ୍ତି ଗ୍ରହଣ, ୨୦୨୩-୨୪ ବାର୍ଷିକ ଆୟ ବ୍ୟୟ ପଠନ ଓ ଅନୁମୋଦନ, ସମିତିର ସିଏସ୍‌ସି ମୋ ସେବାକେନ୍ଦ୍ର ଆରମ୍ଭ ସମ୍ପର୍କରେ ଆଲୋଚନା, ୨୦୨୪-୨୫ ବର୍ଷ ବଜେଟ ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ବ୍ଲକ ନିର୍ଦ୍ଦେଶକ ହଳଧର ପୂଜାରୀ, ଡମ୍ବୁ ନାୟକ, ସୁବାଷ ଖୁଡିପିଆ, ତ୍ରିନାଥ ଭୂମିଆ, ସମ୍ବାରୁ ନାୟକ,ଜୀବନ ସାହୁ, ରାମେଶ୍ୱର ଚୌଧୁରୀ, ହଳଧର କୋପେ,ସୁଦର୍ଶନ ନାୟକ,ଫୁଲମତି ଜିରାମ,କାନାମ ରାଜୁ ନାୟକ ଓ ଭାଗତ ନାୟକ ପ୍ରମୁଖ ଯୋଗ ଦେଇଥିଲେ।



ସମବାୟ ସମିତି ବୈଠକରେ ଅତିଥିଙ୍କୁ ସ୍ୱାଗତ କରାଯାଉଛି ।

# ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ର ପରିବେଶ ଦେଖି ଉପଜିଲାପାଳଙ୍କ ବିରକ୍ତି ପ୍ରକାଶ

କୋରୁକୋଣ୍ଡା,୨୪।୧୧(ଶିବଦତ୍ତ ସାହୁ)

ମାଲକାନଗିରି ଉପ ଜିଲାପାଳ ଦୁର୍ଯ୍ୟୋଧନ ଭୋଇ ବାଲିମେଳା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ର ଅଚାନକ ପରିଦର୍ଶନ କରିଥିଲେ। ଏହି ସମୟରେ ତାଙ୍କ ସହ ଡେପୁଟି କଲେକ୍ଟର ଅଲେଖ ଭୋଇ ଏବଂ ବରିଷ୍ଠ ଖବରଦାତା ଦେବ ପ୍ରସାଦ ଦାସ ଉପସ୍ଥିତ ଥିଲେ। ଇନ୍‌ଡୋର ଗୃହ ଛାତରୁ କଂକ୍ରିଟ ଖସୁଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥିବା ବେଳେ ଏଭଳି ସ୍ଥିତିରେ ରୋଗୀସେବା କିପରି ଚାଲିଛି ସେନେଇ ଡାକ୍ତରଙ୍କଠାରୁ ବୁଝିଥିଲେ। ନୂତନ କୋଠା ତିଆରି କରାଯାଉଥିବାରୁ ଏହାକୁ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ଦେଉନଥିବା ଡାକ୍ତର ଅଙ୍କିତ ସାହୁ କହିଥିଲେ। ଏନେଇ ଉପ ଜିଲାପାଳ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି କି ବୋଲି ଡାକ୍ତରଙ୍କୁ ପଚାରିବା ସହ ସଙ୍ଗେ ସଙ୍ଗେ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଏହାର ମରାମତି ଲାଗି ନିର୍ଦ୍ଦେଶ ଦେଇଥିଲେ। ଦୈନିକ କେତେ ରୋଗୀ ଏଠାକୁ ଆସୁଛନ୍ତି ତାହା ଦେଖିବା ନିମନ୍ତେ ଆଉଟଡୋରକୁ ଯାଇ ରେଜିଷ୍ଟ୍ରେଶନ ଖାତା ଦେଖିବା ପରେ ସେ ଆଶ୍ଚର୍ଯ୍ୟ ହୋଇଥିଲେ। ପ୍ରାୟ ଦିନକୁ ୩୦୦ରୁ ଉର୍ଦ୍ଧ୍ୱ ରୋଗୀ ଏହା ଉପରେ ନିର୍ଭର କରୁଥିବା ବେଳେ ସେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଥିଲେ। ଏଥି ସହିତ ସ୍ୱାସ୍ଥ୍ୟକେନ୍ଦ୍ର ପରିବେଶ ସଫା ନ ଥିବା ସହ ଜଣେ ରୋଗୀଙ୍କ ବେଡ୍‌ରେ ଚାଦର ପଡିନଥିବାରୁ ବିରକ୍ତି ପ୍ରକାଶ କରିଥିଲେ। ମେଡିକାଲର ଚତୁଃପାର୍ଶ୍ୱରେ ବିଭିନ୍ନ ଅନାବନା ଗଛ ଉଠିଛି। ତେଣୁ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ରଙ୍କୁ ସଫା କରିବାକୁ ବ୍ୟବସ୍ଥା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏହାପରେ ୨ଟି ଛତୁଆ ଯୋଗାଣ କେନ୍ଦ୍ର ବୁଲି ଦେଖିଥିଲେ।



ଉପଜିଲାପାଳ ଓ ଅନ୍ୟ ଅଧିକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଯାଞ୍ଚ କରୁଛନ୍ତି ।

# ରାଜ୍ୟସ୍ତରୀୟ ମହକ, ଉତ୍ସାହ କାର୍ଯ୍ୟକ୍ରମ: ୨୩ ଛାତ୍ରୀଛାତ୍ରଙ୍କ ଭୁବନେଶ୍ୱର ଗସ୍ତ

ମାଲକାନଗିରି, ୨୪।୧୧(ଦୁର୍ଯ୍ୟୋଧନ ପାତ୍ର)




ଗତ କିଛିଦିନ ପୂର୍ବେ ମାଲକାନଗିରି ଜିଲାରେ ମହକ ଓ ଉତ୍ସାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ରାଜ୍ୟସ୍ତରରେ ଭାଗ ନେବେ ବୋଲି ଘୋଷଣା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ରବିବାର ପ୍ରଥମ ପର୍ଯ୍ୟାୟରେ ଜିଲାର ୩ ଶିଶୁ ଗୃହର ୨୩ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ମହକ ଓ ଉତ୍ସାହ କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ମାଲକାନଗିରିରୁ ଭୁବନେଶ୍ୱର ଗସ୍ତ କରିଛନ୍ତି। କାର୍ଯ୍ୟକ୍ରମ ଆସନ୍ତା ୨୫ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଛାତ୍ରୀଛାତ୍ରଙ୍କ ସହିତ ଜିଲା ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ନାରାୟଣ ଦାସଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଶାରୀରିକ ପ୍ରଶିକ୍ଷଣରେ ୧୭ ଜିଲାର ୧୬୦ ଶିକ୍ଷାର୍ଥୀ, ଶିକ୍ଷକ

କୋରୁକୋଣ୍ଡା,୨୪।୧୧(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ସହାରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ ପକ୍ଷରୁ ଶନିବାର ପ୍ରାତଃ ୪ଟାଠାରୁ ପଶ୍ଚିମ ପ୍ରାନ୍ତର ଶାରୀରିକ ବିଭାଗର ନୈପୁଣ୍ୟ ତ୍ରିଦିବସୀୟ ବର୍ଗର ଶୁଭାରମ୍ଭ ହୋଇଛି। ଏହା ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ପଶ୍ଚିମ ପ୍ରାନ୍ତର ଶାରୀରିକ ପ୍ରମୁଖ ରାଉରକେଲାରୁ ଆସିଥିବା ହରିଶ ଚନ୍ଦ୍ର କୁମାର, ପ୍ରାନ୍ତ ସହ ସେବା ପ୍ରମୁଖ ରବି ନାରାୟଣ, ସର୍ବ ବ୍ୟବସ୍ଥା ପ୍ରମୁଖ ଚିତ୍ତରଞ୍ଜନ ନାୟକ, ବର୍ଗ କାର୍ଯ୍ୟାବାହ ସୋନୁ କୋଡେ, ପ୍ରଚାରକ ମହେଶ୍ୱର ଭତ୍ରା,ସହପ୍ରାନ୍ତ ପ୍ରଚାରକ ସୁରେନ୍ଦ୍ର ପଣ୍ଡା, ସହ ପ୍ରାନ୍ତ ଶାରୀରିକ ପ୍ରମୁଖ ସମାରୁ ପଡ଼ିଆମୀ ଓ ଅନ୍ୟାନ୍ୟ ସମସ୍ତ ସଂଘ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଏହି ବର୍ଗ ପରିଚାଳିତ ହେଉଛି। ସମ୍ବଲପୁର, ସୁନ୍ଦରଗଡ଼, ବରଗଡ଼, ବଲାଙ୍ଗୀର ଓ କୋରାପୁଟ ଅଞ୍ଚଳର ୧୭ ଜଲାରୁ ପ୍ରାୟ ୧୫୦ ରୁ ଉର୍ଦ୍ଧ୍ୱ ଶିକ୍ଷାର୍ଥୀ ଉପସ୍ଥିତ ଅଛନ୍ତି। ଏଠାରେ ସମତା, ନ୍ୟୁଦ୍ଧ, ଘୋଷ, ଗଣ ସମତା ଓ ଅନ୍ୟାନ୍ୟ ସମସ୍ତ ପ୍ରକାର ଶାରୀରିକ ପ୍ରଶିକ୍ଷଣ ଦେବା ପାଇଁ ୧୦ ଜଣ ପ୍ରବନ୍ଧକ ଉପସ୍ଥିତ ଅଛନ୍ତି। ବାଲିମେଲା ଶିକ୍ଷା ବିକାଶ ସମିତିର କାର୍ଯ୍ୟକର୍ତ୍ତାଙ୍କ ସହଯୋଗରେ ଏଠାରେ ଚାଲିଥିବା ତିନିଦିନିଆ ନୈପୁଣ୍ୟ ବର୍ଗ ସଫଳ ସାକାର ହେବ ବୋଲି ବର୍ଗ ପ୍ରମୁଖ ଚିତ୍ତରଞ୍ଜନ ନାୟକ କହିଛନ୍ତି।

## ଦୁଇ ପ୍ରତିବନ୍ଧିତ ସଙ୍ଗଠନର ୨ କାର୍ଯ୍ୟକର୍ତ୍ତା ଗିରଫ

ମାଲକାନଗିରି, ୨୪।୧୧(ଦୁର୍ଯ୍ୟୋଧନ ପାତ୍ର)

ସୁକ୍‌ମା ଜିଲା ପୋଲିସ ୨ ଜଣ ପ୍ରତିବନ୍ଧିତ ସଂଗଠନ କାର୍ଯ୍ୟକର୍ତ୍ତାଙ୍କୁ ରବିବାର ଗିରଫ ପରେ କୋର୍ଟଚାଲାଣ କରିଛି। ସୁକ୍‌ମାରେ ଚାଲିଥିବା ମାଓବାଦୀ ମୁକ୍ତ ଅଭିଯାନରେ ପ୍ରତିବନ୍ଧିତ ସଂଗଠନ ମୁଲବାସୀ ବଚାଓ ମଞ୍ଚ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଚିନ୍ତାଲନା ଥାନା ମୁକରମ,ପଟେଲପାରା, ନାଡମେଟଲା ଓ ଏହାର ଆଖପାଖ ଅଞ୍ଚଳରେ ୩୦ରୁ ୪୦ ଗ୍ରାମବାସୀଙ୍କୁ ଏକତ୍ରକରି ପ୍ରଶାସନର ବିନା ଅନୁମତିରେ ସଭା କରାଯାଉଥିଲା। ଏ ସମ୍ପର୍କରେ ସୂଚନାପାଇ ଚିନ୍ତାଲନା ପୋଲିସ



ମୁକରମ ଗ୍ରାମରେ ପହଞ୍ଚି ମୁଲବାସୀ ବଚାଓ ମଞ୍ଚ ସଦସ୍ୟ ଭୋଗାମ ରାମା ଓ ମାଡବି ରିତେଶଙ୍କୁ ଗିରଫ କରିଛି। ଏହି ଦୁଇଜଣ ମାଓବାଦୀଙ୍କ ସହ ମିଶି ବିଭିନ୍ନ ସ୍ଥାନରେ ହେଉଥିବା ଉନ୍ନୟନ କାର୍ଯ୍ୟକୁ ବିରୋଧ କରିବା ନିମନ୍ତେ ଉସୁକାଉଥିଲେ।

## ସମ୍ବିଧାନ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା

ମାଥିଲି,୨୪।୧୧(ସୁବାସ ଚନ୍ଦ୍ର ଖୁଡୁପିଆ)

ଭାରତର ସମ୍ବିଧାନ ରଥକୁ ମାଲକାନଗିରି ଜିଲା ମାଥିଲି ବ୍ଲକ୍ ସଦର ମହକୁମାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଜିଲା ସମ୍ବିଧାନ ସୁରକ୍ଷା ମଞ୍ଚ ଆବାହକ ସୋନୁ ଅନୁଗୁଙ୍କ ଅଧକ୍ଷତାରେ ସମ୍ବିଧାନ ରଥକୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଜିଲା ପରିଷଦ ସଭ୍ୟା ତଥା ବିଜେଡି ଜିଲା ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ମାଥିଲି ସରପଞ୍ଚ କାନାମ ରାଜୁ ନାୟକ, ସମିତି ସଭ୍ୟ ତଥା ଯୁବନେତା ବାଲାରାଜୁ କୋପେ,ସ୍ଥାନୀୟ ବରିଷ୍ଠ କଂଗ୍ରେସ ନେତା ଉଦୟନାଥ ମହାରଣା,ଶହୀଦ ଲକ୍ଷ୍ମଣ ନାୟକଙ୍କ ନାତି ମୁକୁନ୍ଦ ନାୟକ, ବିଜେଡି ବ୍ଲକ ସଭାପତି ବିଦ୍ୟାଧର ପୂଜାରୀ ,ପୂର୍ଣ୍ଣଚନ୍ଦ୍ର ଦୁରିଆ,ଗାଁ ସାଥୀ ସଂଘ ବ୍ଲକ ସଭାପତି ସନାଧର ମୁଦୁଲି, କୃଷ୍ଣ ଗୌଡ଼, କର୍ଣ୍ଣ ଦୁରିଆ, ଆସିକ ବାଦଶାଙ୍କ ସମେତ ବହୁ ମହିଳା ଓ ପୁରୁଷ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ଜୁନିୟର ରେଡ୍‌କ୍ରସ ପକ୍ଷରୁ ରକ୍ତଦାନ ଶିବିର

ଜୟପୁର,୨୪।୧୧(ପବନ ପାଣିଗ୍ରାହୀ)

ଶହୀଦ ଲକ୍ଷ୍ମଣ ନାୟକ ଜୟନ୍ତୀ ପାଳନ ଅବସରରେ ଏକମ୍ରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜୁନିଅର ରେଡକ୍ରସ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଡଃ ଜ୍ୟୋସ୍ନା ମିଶ୍ର ସଭାପତିତ୍ୱରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ରକ୍ତଦାତା, ଦମ୍ପତି ରକ୍ତଦାତା ଓ ଅନ୍ୟାନ୍ୟ ସ୍ୱେଚ୍ଛାସେବୀମାନେ ରକ୍ତଦାନ କରିଥିଲେ। ରେଡକ୍ରସ ପରାମର୍ଶଦାତା ମନୋଜ କୁମାର ମିଶ୍ର ପରିଚାଳନା କରିଥିଲେ। ଶିବିରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର ଶତପଥି, ଅଭିଷେକ ଭୋଇ, ପ୍ରକାଶ ପଟ୍ଟନାୟକ, ଓମ୍ ପ୍ରକାଶ ମିଶ୍ର, ଦିଲ୍ଲୀପ କୁମାର ପଣ୍ଡା,ସୁନୀଲ କୁମାର ପାଢ଼ୀ, ଲିପିକା ପାତ୍ର, ସିଆର୍‌ସିସି ସର୍ବେଶ୍ୱର ପଟ୍ଟନାୟକ, ବରିଷ୍ଠ ସହାୟକ ବାଳଗୋପାଳ ମିଶ୍ର,ଶଶିଭୂଷଣ ଦାଶ, କୋରାପୁଟ ଜୁନିଅର ରେଡକ୍ରସ ଅଧିକାରୀ ହରେକୃଷ୍ଣ ମହାରଣା, ପ୍ରଶିକ୍ଷକ ସୁଜିତ କୁମାର ଜେନା, ପ୍ରେରଣା ଦାତା ପ୍ରମୋଦ ରାଉଳ, ଏସ୍‌ଏମ୍‌ସି ସଭ୍ୟ ଲଇଚନ ହରିଜନ ଓ ଅନ୍ୟାନ୍ୟ ସଭ୍ୟ ଯୋଗ ଦେଇଥିଲେ। ଆଲୁମିନୀ ସଦସ୍ୟ, ଗ୍ରାମବାସୀ, ବ୍ଲଡ ବ୍ୟାଙ୍କ ଟିମ୍, ବି. ନଳୀନ କୁମାର, ଉମାରାଣୀ ସାହୁ, ରାଜଲକ୍ଷ୍ମୀ ପ୍ରିୟା ସାମନ୍ତରାୟ, ପ୍ରସନ୍ନ କୁମାର ପାଣିଗ୍ରାହୀ,ବୃନ୍ଦାବତୀ ଖୋରା ଓ ଶୁଭଙ୍କର ଦାଶ ସହଯୋଗ କରିଥିଲେ।

# ଗ୍ରାମାଞ୍ଚଳ ଶିଶୁଙ୍କୁ ନେଇ କ୍ରୀଡ଼ା ପ୍ରତିଯୋଗିତା



କୃତୀ ପ୍ରତିଯୋଗୀଙ୍କ ସହ ଅତିଥି ।

ମାଲକାନଗିରି,୨୪।୧୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଅଭ୍ୟୁଦୟ ଯୁବ କ୍ଲବ ତରଫରୁ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ସଦର ବ୍ଲକ ପେଡାକୋଣ୍ଡା ପଞ୍ଚାୟତରେ ରବିବାର ଅନୁଷ୍ଠିତ ହୋଇଯାଇଛି। ୭ ବ୍ଲକର ୨୯୪ ଶିଶୁଙ୍କୁ ନେଇ ଦୌଡ, ଲମ୍ଫଡିଆ, ଉଚ୍ଚ ଡିଆଁ, କବାଡି, କୁସ୍ତି ଓ ଯୋଗାସନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ନରସିଂହ ମାଡକାମି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତପନ ନାରାୟଣ ରଥ, କ୍ଲବ ଉପସଭାପତି ସୁରେଶ ସୋମାନୀ, ପେଡାକୋଣ୍ଡା ସରପଞ୍ଚ ଲାଖମା କବାସୀ, ଶିବୁପଦ ମିର୍ଦ୍ଧା ଓ ଜୀବର୍ଦ୍ଧନ ସାହୁ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ନିଜ ଅଞ୍ଚଳର ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରିବା ସହ କ୍ରୀଡାପ୍ରତି ଧ୍ୟାନ ଦେବାପାଇଁ ପରାମର୍ଶ ଦେଇଥିଲେ। ଶେଷରେ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଯୁବ ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଛାତ୍ରୀଛାତ୍ରଙ୍କ ସହ ଅଧ୍ୟାପିକା ଅଧ୍ୟାପକ ।

ମାଥିଲି,୨୪।୧୧(ସୁବାଷ ଚନ୍ଦ୍ର ଖୁଡୁପିଆ)

ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ ପ୍ରଶିକ୍ଷଣ ଶିବିର ମାଥିଲି ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଡ. ସୁବ୍ରତ କୁମାର ଭଦ୍ରଙ୍କ ନେତୃତ୍ୱରେ ଉଦ୍‌ଯାପନୀ ଶିବିରରେ ମୁଖ୍ୟ ଅତିଥି ଭାବେ ମାଥିଲି ବ୍ଲକ ଅଧକ୍ଷ ମହେଶ କୁମାର ବାକା, ମୁଖ୍ୟ ବକ୍ତା ସହକାରୀ ଜିଲାପାଳ ଅଜୟ କୁମାର ମାଣ୍ଡାଙ୍ଗି, ସମ୍ମାନିତ ଅତିଥି ସହକାରୀ ଜିଲାପାଳ ପ୍ରସନ୍ନ କୁମାର ପାଢୀ,ଜିଲା କ୍ରୀଡା ଉପ ଅଧୀକ୍ଷକ କାର୍ତ୍ତିକ ଚନ୍ଦ୍ର ବେହେରା,ପୂର୍ବତନ ବ୍ଲକ ଅଧକ୍ଷ ସ୍ମୃତି ରଞ୍ଜନ ପାଢ଼ୀ,ମାଥିଲି ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ, ରେଡ୍‌କ୍ରସ ଜିଲା ସଂଯୋଜକ ପ୍ରଫୁଲ୍ଲ କୁମାର ବିଶ୍ୱାଳ,ମାଥିଲି ଅଗ୍ନିଶମ ଅଧିକାରୀ ସୁନୀଲ କୁମାର ପାତ୍ର ଯୋଗଦେଇ ଅଗ୍ନି ନିରାପତ୍ତା ଉପରେ ଆଲୋକପାତ କରିବା ସହିତ ପ୍ରଶିକ୍ଷଣ ଦେଇଥିଲେ। ଶଶାଙ୍କ ଶେଖର ପଟ୍ଟନାୟକ ଯୋଗଦେଇ ଶିବିରରେ ରକ୍ତ ସଂଗ୍ରହ ସହିତ ଏଡ୍‌ସ ସଚେତନତା କ୍ୟାମ୍ପ, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଯୋଗ ଶିବିର ଏବଂ ଯୁବ ରେଡ୍‌କ୍ରସ୍ ଭଲ୍ୟୁଣ୍ଟିୟରିଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ପ୍ରଶିକ୍ଷଣ ଶିବିରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ତଥା ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶିବିରରେ ଅଧକ୍ଷ ଭଦ୍ର ସଭାପତିତ୍ୱ କରିଥିବା ବେଳେ ଓଡ଼ିଆ ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା କାବେରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ସୋନା ମାଝୀ ଉମରକୋଟ ବ୍ଲକର ଝରିଗାଁ ବିଧାୟକ ପ୍ରତିନିଧି



ବିଧାୟକ ତାଙ୍କ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

ଉମରକୋଟ, ୨୪।୧୧(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବରିଷ୍ଠ ଭାଜପା ନେତା ସୋନା ମାଝିଙ୍କୁ ଝରିଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆସୁଥିବ ଉମରକୋଟ ବ୍ଲକର ୧୫ ପଞ୍ଚାୟତ ପାଇଁ ପ୍ରତିନିଧିଭାବେ ବିଧାୟକ ନରସିଂହ ଭତ୍ରା ମନୋନିତ କରିଛନ୍ତି। ବିଧାୟକ ପୂର୍ଲାସ୍ଥିତ ଭାଜପା କାର୍ଯ୍ୟାଳୟରେ ସୋନା ମାଝୀଙ୍କୁ ଆଜି ଏହି ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ବିଧାୟକଙ୍କ ଅନୁପସ୍ଥିତିରେ ସେ ତାଙ୍କ ପ୍ରତିନିଧିଭାବେ ସମସ୍ତ କାର୍ଯ୍ୟ ତୁଲାଇବା ସହ, ଲୋକଙ୍କ ସମସ୍ୟା, ଅଞ୍ଚଳର ବିକାଶ ପାଇଁ କାର୍ଯ୍ୟ କରିବା ନେଇ ବିଧାୟକ ସୂଚନା ଦେଇଛନ୍ତି। ନିଯୁକ୍ତି ପତ୍ର ପ୍ରଦାନ ସମୟରେ ବରିଷ୍ଠ ଭାଜପା ନେତା ଆଶୁତୋଷ ମଣ୍ଡଳ, ବାସନ୍ତୀ ମାଝୀ, କମଲୁ ମାଝୀ, ଦୋଲସାୟ ଭତରା, କୃଷ୍ଣ ମାଝୀ, ପବିତ୍ର ଗୋରଡ଼, ଉତ୍ତମ ହରିଜନ, ବଳରାମ ଗଣ୍ଡ, ଚନ୍ଦ୍ର ଶେଖର ପୂଜାରୀଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ।

# ଟ୍ରକ୍,କାର ଧକ୍କା,୨ ଆହତ

ଜୟପୁର,୨୪।୧୧(ପବନ ପାଣିଗ୍ରାହୀ)

ଜୟପୁର ଘାଟିରେ ଟ୍ରକ ଓ କାର ମୁହାଁମୁହିଁ ଧକ୍କା ହୋଇ ୨ଜଣ ଅହେତ ହୋଇଛନ୍ତି। କୋରାପୁଟ ଅଭିମୁଖେ ଯାଉଥିବା ବେଳେ ଜୟପୁର ଆସୁଥିବା ଏକ କାରକୁ ସହ ଧକ୍କା ହୋଇଥିଲା। ଏଥିରେ କାର ଡ୍ରାଇଭର ଓ ଅନ୍ୟ ଜଣେ ଆହାତ ହୋଇଥିଲେ। ଦୁର୍ଘଟଣା ଯୋଗୁ ଶତାଧିକ ଗାଡି ଅଟକିଥିବା ବେଳେ ସଦର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ତରୁଣ ପ୍ରଜ୍ଞା ଭାରତୀ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

ଜୟପୁର,୨୪।୧୧(ପବନ ପାଣିଗ୍ରାହୀ)

ଜୟପୁର ଏନ୍‌କେଟି ରୋଡସ୍ଥିତ ନାରାୟଣୀ ଇଂଲିଶ ମିଡିୟମ୍ ବିଦ୍ୟାଳୟ ପରିସରରେ ତରୁଣ ପ୍ରଜ୍ଞା ଭାରତୀ ଅନୁଷ୍ଠାନ ପକ୍ଷରୁ ଶିଶୁଗୀତ, ବନବାସୀ, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ତଥା ସାଧାରଣ ବର୍ଗର ପୁରୁଷ ଓ ମହିଳା ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିଲେ। ଏଥିରେ ଅନୁଷ୍ଠାନର ସଭାପତି ତପନ କିରଣ ତ୍ରିପାଠୀ, ଉପସଭାପତି ରାମ ଶଙ୍କର ଷଡଙ୍ଗୀ, ସହ ସମ୍ପାଦକ ଅଜୟ କୁମାର ମଲିକ, କୋଷାଧ୍ୟକ୍ଷ ରବୀନ୍ଦ୍ର ମହାରଣା ଓ ଲିପିକା ଦଳାଇ ପ୍ରମୁଖ ପରିଚାଳନା କରିଥିଲେ। ମହମ୍ମଦ ସରିଫ, ଶଙ୍କରୀ ଦଳପତି, ଅନିତା ବେହେରା, ଗୀତା ଜୟନ୍ତୀ ପାତ୍ର, ଇତିଶ୍ରୀ ସୁବୁଦ୍ଧି, ଶିବ ଶଙ୍କର, ଜାନକୀ ପାଣିଗ୍ରାହୀ, ସବିତା ତ୍ରିପାଠୀ ଓ ରିତାଞ୍ଜଳି ଡାକୁଆ ବିଚାରକ ଥିଲେ। ଡିସେମ୍ବରରେ ହେବାକୁ ଥିବା ବାର୍ଷିକ ଉତ୍ସବରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।



# ସମ୍ବିଧାନ ସଚେତନତା ରଥକୁ ସମ୍ବର୍ଦ୍ଧନା

ନବରଙ୍ଗପୁର,୨୪।୧୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସହରରେ ଥିବା ବାବାସାହେବ ବି.ଆର ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ସମ୍ବିଧାନ ସଚେତନତା ଅଭିଯାନ ରଥକୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ରଥଟି ଅକ୍ଟୋବର ୨୬ରୁ ବାହାରି ୧୪ ଗୋଟି ଜିଲା ଭ୍ରମଣ କରି ବଲାଙ୍ଗୀରରେ ପହଞ୍ଚିବ। ଡିସେମ୍ବର ୧ରେ ସେଠାରେ ୭୫ତମ ସମ୍ବିଧାନ ଦିବସ ପାଳନ କରାଯିବ। ନବରଙ୍ଗପୁରରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ଏସ୍‌ସି, ଏସ୍‌ଟି ପରିସଂଘ ନବରଙ୍ଗପୁର ଜିଲା ସଭାପତି ଭଗବାନ ବୈରାଗୀ ପରିଚାଳନା କରିଥିଲେ। ପୌରାଧକ୍ଷ କୁନୁ ନାୟକ, ସାମାଜିକ କର୍ମୀ ଲଳିତ ମହୋନ ନାୟକ, ଆମ୍ବେଡକର ବିଚାରଧାରା ମଞ୍ଚର ପ୍ରକାଶ ନାଗ, ଆଇନଜୀବୀ ସିରାଜଉଦ୍ଦିନ୍ ଅହମ୍ମଦ, ଶିଶିର ପରିଚ୍ଛା ,ମୁନ୍ନା ତ୍ରିପାଠୀ, ଅର୍ଜୁନ ଭତରା, ରତନ ମାଝୀ, ପ୍ରକାଶ ସାମନ୍ତରାୟ, ଶ୍ୟାମ ହରିଜନ, ଜଗନ୍ନାଥ ବାଗେ,ଭାସ୍କର ମାଝୀ, କମୁଲୁ ହରିଜନ, ଶାହାଜାଦ ଖାନ ଓ ଅନେକ ସାମାଜିକ ଅନୁଷ୍ଠାନର ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ଭାରତର ୭୫ତମ ସମ୍ବିଧାନ ଦିବସ ଉପଲକ୍ଷ ନବରଙ୍ଗପୁର ସଦରରେ ୨୬ ତାରିଖରେ ଏକ ଶୋଭାଯାତ୍ରା ଓ ସଭା କରାଯିବା ନେଇ ସୂଚନା ମିଳିଛି।



# ସରକାରୀ ଯୋଜନାର ସାହାଯ୍ୟ ନେଇ ଲାଭବାନ ହୁଅ

## ଜିଲାସ୍ତରୀୟ ମତ୍ସ୍ୟ, ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ

ନବରଙ୍ଗପୁର,୨୪।୧୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ମାଝିଗୁଡ଼ା ପଡିଆରେ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣସମ୍ପଦ ମେଳା ଉଦ୍‌ଘାଟିତ ହୋଇଛି। ଜିଲାପାଳ ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ସମ୍ମାନିତ ଅତିଥି, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ରମେଶ ସାହୁ, ଏମ୍‌ପିଙ୍କ ପ୍ରତିନିଧି ଜଗଦୀଶ ଚନ୍ଦ୍ର ବିଷୋୟୀ, ଉପନିର୍ଦ୍ଦେଶକ ମତ୍ସ୍ୟ ବିଭାଗ ଅରୁଣ ବେହେରା, ଜିଲା ମତ୍ସ୍ୟ ଅଧିକାରୀ ଭାବଗ୍ରାହୀ କିସାନ ପ୍ରମୁଖ ଅନ୍ୟତମ ଅତିଥିଭାବେ ମଞ୍ଚାସୀନ ଥିଲେ। ବିଧାୟକ ମାଝୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଜିଲା ମୁଖ୍ୟ ପ୍ରାଣୀସମ୍ପଦ ଅଧିକାରୀ ରାଧେଶ୍ୟାମ ଲାଇକ ମେଳାରେ ପ୍ରଦର୍ଶିତ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। କେବଳ ଧାନ, ବିରି,ମୁଗ ଭଳି ଶସ୍ୟ ଅମଳ ଉପରେ ଧ୍ୟାନ ନ ଦେଇ ଗାଈ, ଛେଳି, କୁକୁଡ଼ା, ବତକ, ମାଛ , ଘୁଷୁରୀ ଚାଷ କରିବାକୁ ଅତିଥିମାନେ ମତ ଦେଇଥିଲେ। ସରକାରଙ୍କ ମତ୍ସ୍ୟ ଓ ପ୍ରାଣସମ୍ପଦ ସମ୍ପର୍କିତ ବିଭିନ୍ନ ଲାଭକାରୀ ଯୋଜନା, ସବସିଡି ପାଇ ଲାଭବାନ ହେବା ସହ ଜିଲାର ବିକାଶରେ ସହଭାଗୀ ହେବାକୁ ସେମାନେ କହିଥିଲେ। ମୁଖ୍ୟମନ୍ତ୍ରୀ ମତ୍ସ୍ୟଜିବୀ କଲ୍ୟାଣ ଯୋଜନା,ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା ଉପରେ ସୂଚନା ପ୍ରଦାନ କରାଯାଇଛି। ବିଭିନ୍ନ ଯୋଜନାର ଲାଭ ଉଠାଇ ଆର୍ଥିକ ଉନ୍ନତି କରିଥିବା ବ୍ୟକ୍ତିବିଶେଷ ଓ ଏସ୍‌ଏଚ୍‌ଜିଙ୍କୁ ପୁରସ୍କୃତ କରାଯାଇଛି। ଛେଳି ଚାଷ ପାଇଁ ଉମରକୋଟ ବ୍ଲକ ତାଳପଦର ଗ୍ରାମର ଯୁଧିଷ୍ଠୀର ସୁନା, ବ୍ରଏଲର୍ ୟୁନିଟ୍ ପାଇଁ କୋଷଗୁମୁଡ଼ା ବ୍ଲକର ମୋଟି ଗାଁର ମା କଲାଧର୍ନି ଏସ୍‌ଏଚ୍‌ଜି, ମାଛ ଜାଆଁଳା ଉତ୍ପାଦନରେ ଉମରକୋଟ ଚିକଲପଦର ଗାଁ ସୁଖରଞ୍ଜନ ଦାସ ଏବଂ ମାଛ ଚାଷ ପାଇଁ ଚନ୍ଦାହାଣ୍ଡି ବ୍ଲକର ଶ୍ରୀ ମା ଏସ୍‌ଏଚ୍‌ଜିକୁ ପୁରସ୍କୃତ କରାଯାଇଥିଲା। ଚାଷୀ ବିଭିନ୍ନ ସ୍କିମ୍ ସମ୍ପର୍କରେ ଅଧିକାରୀଙ୍କଠାରୁ ବୁଝିଥିଲେ। ଡିଏସ୍‌ଡବ୍ଲ୍ୟୁଓ ଦ୍ରପୌଦୀ କହଁର, ଡିଆଇପିଆର୍‌ଓ ମନୋଜ ବେହେରାଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଖବରାଦାତା ଉପସ୍ଥିତ ଥିଲେ। ଜିଲା ମତ୍ସ୍ୟାଧିକାରୀ ଭାବଗ୍ରାହୀ କିସାନ୍ ଧନ୍ୟବାଦ୍ ଦେଇଥିଲେ। ଅତିଥିମାନେ ମେଳାରେ ଥିବା ଉନ୍ନତ କିଷମର ଗାଈ, ଗୋଖାଦ୍ୟ ପାଇଁ ସବୁଜ ଘାସ, ଛେଳି, କୁକୁଡ଼ା,ବତକ, ମାଛ, ମାଛ ଜାଆଁଳା କୁଣ୍ଡ, ତର୍କୀ ଜାତୀୟ ପକ୍ଷୀକୁ ପରିଦର୍ଶନ କରିଥିଲେ। ମେଳାରେ ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା, ଜିଲା ସମାଜ ମଙ୍ଗଳ, ଜିଲା ଶିଳ୍ପ କେନ୍ଦ୍ରର ଷ୍ଟଲ ସହ ବ୍ୟବସାୟିକ ଷ୍ଟଲ, ପଶୁ ଆହାର, ଛେଳି ଚାଷ, ଆଞ୍ଚଳିକ ଦୁଗ୍ଧ ଉତ୍ପାଦନ କେନ୍ଦ୍ର, ପାଣି ପମ୍ପ ଷ୍ଟଲ ପରିଦର୍ଶନ କରିଥିଲେ।


ଅତିଥିମାନେ ଜଣେ ସଫଳ ଚାଷୀଙ୍କୁ ପୁରସ୍କୃତ କରୁଛନ୍ତି।

# ବିଭାଶିଷ ଜାତୀୟସ୍ତରୀୟ ବିଚ୍ ଭଲିବଲ ରେଫରି ମନୋନୀତ

ନବରଙ୍ଗପୁର,୨୪।୧୧(ସଦାଶିବ ପ୍ରହରାଜ)



ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବିଚ୍ ଭଲିବଲ ପ୍ରତିଯୋଗିତାରେ ଶାରୀରିକ ଶିକ୍ଷା ଶିକ୍ଷକ ବିଭାଶିଷ ଦେ ରେଫେରି ପାଇଁ ମନୋନୀତ ହୋଇଛନ୍ତି। ଏହା ନବରଙ୍ଗପୁର ଜିଲାପାଇଁ ଗୌରବ ଆଣିଛି। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ପତ୍ର ସଂଖ୍ୟା ୩୩୯୪୩ ଅନୁଯାୟୀ ଜାତୀୟସ୍ତରୀୟ ବିଦ୍ୟାଳୟ ସମୂହ ବିଚ ଭଲିବଲ ପ୍ରତିଯୋଗିତା ଅବସରରେ ୩୦ ଜଣ ନିର୍ଣ୍ଣାୟକଙ୍କୁ ଡାକରା ମିଳିଥିବାବେଳେ ସେଥିରେ ଓଡ଼ିଶାରୁ ଏକମାତ୍ର ବିଭାଷିତ ଦେ ତାଲିକାରେ ରହିଛନ୍ତି। ବିଭାଶିଷ ଜଣେ ଉଚ୍ଚସ୍ତରର ଭଲିବଲ ଖେଳାଳି ଯିଏକି ପୂର୍ବରୁ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଅନେକ ସଫଳତା ସାଉଁଟିଛନ୍ତି। ଏହି ଖବର ପ୍ରଚାର ହେବାପରେ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ବିଶେଷ କରି ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଏଡିଇଓ ରେଶମଲାଲ ନାୟକ, ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଭାତ ପଟ୍ଟନାୟକ ଓ ବିଭିନ୍ନ ଶିକ୍ଷକ ସଂଘ ସଫଳତାର ସହିତ ଜିଲାର ସୁନାମ ରଖିବେ ବୋଲି ଆଶାବ୍ୟକ୍ତ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲେ ଏମ୍‌ପି ବଳଭଦ୍ର ମାଝୀ

## ନବରଙ୍ଗପୁର ଲୋକସଭା କ୍ଷେତ୍ରର ବିକାଶ ପାଇଁ ଦେଲେ ପ୍ରସ୍ତାବ

ନବରଙ୍ଗପୁର, ୨୪।୧୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ନବରଙ୍ଗପୁର ଲୋକସଭା କ୍ଷେତ୍ରର ବିକାଶ ପାଇଁ ଆଲୋଚନା କରିଛନ୍ତି। ଏନେଇ କେତେକ ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ନବରଙ୍ଗପୁର ଲୋକସଭା କ୍ଷେତ୍ରରେ ସାକ୍ଷରତା ହାର କମ୍। ବିଭିନ୍ନ ଶିକ୍ଷାନୁଷ୍ଠାନରେ ଭିତ୍ତିଭୂମି ଅଭାବ ରହିଛି। ପ୍ରତି ବ୍ଲକରେ ଗୋଟିଏ ଲେଖାଏ ସରକାରୀ ମହାବିଦ୍ୟାଳୟ ପ୍ରତିଷ୍ଠା, ସ୍କୁଲରେ ଖାଲିଥିବା ଶିକ୍ଷକ ପଦବୀ ପୂରଣ, ବନ୍ଦ ପଡ଼ିଥିବା ବିଦ୍ୟାଳୟକୁ ଯାହା ନିକଟସ୍ଥ ବିଦ୍ୟାଳୟରୁ ୧ କି.ମି.ରୁ ଅଧିକ ଦୂରରେ ଅଛି ତାହାକୁ ପୁନର୍ବାର ଖୋଲିବାକୁ କୁହାଯାଇଛି। ଇଞ୍ଜିନିୟରିଂ କଲେଜ, ବୈଷୟିକ ମହାବିଦ୍ୟାଳୟ ପ୍ରତିଷ୍ଠା ନେଇ ପ୍ରସ୍ତାବ ଦିଆଯାଇଛି। ନବରଙ୍ଗପୁର ଓ ମାଲକାନଗିରିଠାରେ ବିଇଡି ଶିକ୍ଷାନୁଷ୍ଠାନ ଚାଲୁ, ନବରଙ୍ଗପୁର, କୁନ୍ଦୁରା ଓ ଚିତ୍ରକୋଣ୍ଡାରେ ଆଇଟିଆଇ (୩) ଖୋଲିବାକୁ କୁହାଯାଇଛି। ମାତୃ ଶିଶୁ ମୃତ୍ୟୁହାର, କୁପୋଷଣ ଚିନ୍ତାଜନକ। ଲୋକଙ୍କୁ ଠିକ୍‌ଭାବେ ସ୍ୱାସ୍ଥ୍ୟସେବା ମିଳିପାରୁନି। ୫୦%ରୁ ଅଧିକ ଡାକ୍ତର ପଦବୀ ଖାଲି ପଡ଼ିଛି। ଦୁର୍ଗମ ଅଞ୍ଚଳ ହେତୁ ଏଠାରେ କେହି ଡାକ୍ତର ରହୁନାହାନ୍ତି। ନବରଙ୍ଗପୁର ଓ ମାଲକାନଗିରିରେ ନର୍ସିଂ କଲେଜ, ଉମରକୋଟ ଓ ମାଲକାନଗିରିରେ ଗୋଟିଏ ଲେଖାଏ ସୁପର ସ୍ପେସିଆଲିଟି ଡାକ୍ତରଖାନା, ପ୍ରତି ବ୍ଲକରେ ଗୋଟିଏ ଲେଖାଏରକ୍ତ ଭଣ୍ଡାର ଖୋଲିବା, ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା, ଉମରକୋଟ, କୋଟପାଡ଼, ମାଥିଲି ଓ ଚିତ୍ରକୋଣ୍ଡା ଡାକ୍ତରଖାନାକୁ ଉପଖଣ୍ଡିୟ ଡାକ୍ତରଖାନା କରିବାକୁ କୁହାଯାଇଛି। ଡାକ୍ତର ପଦବୀ ପୂରଣ କରିବାକୁ ଅନୁରୋଧ କରିଛନ୍ତି। ପୁରା ଲୋକସଭା କ୍ଷେତ୍ରରେ କେବଳ ବାଲିମେଳା ଓ ଇନ୍ଦ୍ରାବତୀ ନଦୀବନ୍ଧ ରହିଛି। ଏଥିମଧ୍ୟରୁ ଇନ୍ଦ୍ରାବତୀ ନଦୀ ବନ୍ଧର ଟୋପାଏ ମଧ୍ୟ ପାଣି ନବରଙ୍ଗପୁର ଚାଷୀ ପାଇ ପାରୁ ନାହାନ୍ତି। ପୂର୍ବ ସରକାରଙ୍କ ଅବହେଳା ଯୋଗୁ ଅନ୍ୟ ପ୍ରସ୍ତାବିତ ନଦୀବନ୍ଧ କାର୍ଯ୍ୟକାରୀ ହୋଇ ନ ଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଚେକ୍ ଡ୍ୟାମ ଓ ନଦୀବନ୍ଧ ନିର୍ମାଣ କରି ଜଳସେଚନ ସୁବିଧା କରାଇବାକୁ ନିବେଦନ କରାଯାଇଛି। ନବରଙ୍ଗପୁର ଲୋକସଭା କ୍ଷେତ୍ରରେ କୋରାପୁଟ ଜିଲାର ପ୍ରାୟ ୫୦ କି.ମି. ଦୂରତାରେ ୩ ଷ୍ଟେସନ୍ ଛାଡ଼ିଦେଲେ ଆଉ କୌଣସି ରେଳଲାଇନ୍ ନାହିଁ। ୨୦୧୬ରୁ ସ୍ୱୀକୃତି ମିଳିଥିଲେ ମଧ୍ୟ ଜୟପୁର–ନବରଙ୍ଗପୁର (୩୮ କି.ମି.) ଓ ଜୟପୁର–ମାଲକାନଗିରି (୧୩୦ କି.ମି.)ରେଳ ଲାଇନ କାର୍ଯ୍ୟ ଆଗେଇ ପାରିନାହିଁ। ଜିଲାଭିତ୍ତିକ ନିଯୁକ୍ତି ଦେବାକୁ ଏମ୍‌ପି ଦାବି କରିଛନ୍ତି। ୩ୟ ଓ ୪ର୍ଥ ଶ୍ରେଣୀ ପଦବୀ ସ୍ଥାନୀୟ ପ୍ରାର୍ଥୀଙ୍କ ଦ୍ୱାରା ପୂରଣ, ନୂତନ ଶିକ୍ଷା ନୀତି ଅନୁସାରେ ପ୍ରାଥମିକ ଶିକ୍ଷାଦାନ ସ୍ଥାନୀୟ ଭାଷାରେ କରିବାକୁ କହିଛନ୍ତି। ଏଥିପାଇଁ ଭାଷା ଶିକ୍ଷକ ନିଯୁକ୍ତି ଆବଶ୍ୟକ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଏମ୍‌ପି ଜଣାଇଛନ୍ତି।


ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲିଖିତଭାବେ ବିଭିନ୍ନ ପ୍ରସ୍ତାବ ଦେଉଛନ୍ତି।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଝରିଗାଁ, ୨୪।୧୧(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଧୀନ ପାଲିଆ ଛକରେ ବାଇକ୍ ଧକ୍କାରେ ଜଣେ ଯୁବକ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ଜଣ ଆହତ ହୋଇଥିଲେ। ମୃତକ ହେଲେ ଟିପାଗୁଡ଼ା ଗ୍ରାମର ହରି ଗୌଡ଼ (୩୫)। ବଡ଼ପାଲିଆ ଗ୍ରାମର କୃଷ୍ଣ ଭତରା (୨୭) ଓ ମହେନ୍ଦ୍ର ଭତରା (୨୭) କାମ ସାରି ନିଜ ଘର ସାନପାଲିଆକୁ ଫେରୁଥିଲେ। ପାଲିଆ ଛକ ନିକଟରେ ଉଭୟଙ୍କୁ ପଛପଟୁ ଏକ ବାଇକ୍ ଧକ୍କା ଦେଇଥିଲ। ବାଇକ୍ ଚାଳକ ହରି ଗୌଡ଼ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ବାଇକ୍ ବସିଥିବା ହରିଙ୍କ ଶଳା ଅର୍ଜୁନ ଗୌଡ଼ (୧୯) ଛିଟିକି ପଡ଼ି ଆହତ ହୋଇଛନ୍ତି। ଦୁର୍ଘଟଣାରେ କୃଷ୍ଣଙ୍କ ବାମ ଗୋଡ଼ ଭାଙ୍ଗି ଗୁରୁତର ହୋଇଛନ୍ତି। ମହେନ୍ଦ୍ର ଭତରାଙ୍କ ଡାହାଣ କାନରେ ଆଘାତ ଲାଗିଛି। ସମସ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଠାରେ ସେମାନଙ୍କ ଚିକିତ୍ସା ଚାଲିଛି। ମେଡ଼ିକାଲରେ ପୋଲିସ ପହଞ୍ଚି ତଦନ୍ତ କରୁଛି।

# ଜଣେ କର୍ମୀ ୨୫ ସଭ୍ୟଙ୍କୁ ସାମିଲ କରିବା ନେଇ ଆଲୋଚନା


କାର୍ଯ୍ୟକ୍ରମରେ ବିଜେଡି ନେତାମାନେ ଆଲୋଚନା କରୁଛନ୍ତି।

## ସଭ୍ୟ ସଂଗ୍ରହ ଅଭିଯାନ ପ୍ରସ୍ତୁତି ବୈଠକ

ଉମରକୋଟ, ୨୪।୧୧(ସନ୍ତୋଷ ଶତପଥୀ)

ଉମରକୋଟ ପୌରପରିଷଦରେ ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ପୂର୍ବତନ ଏମ୍‌ପି ତଥା ନବରଙ୍ଗପୁର ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ମାଝୀ ମୁଖ୍ୟ ଅତିଥି, ପୌରାଧ୍ୟକ୍ଷା ରାଧା ଭତ୍ରା, ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝି, ନଗର ସଭାପତି କୈଳାଶ ନାୟକ, ପୂର୍ବତନ ବିଧାୟକ ସୁବାଷ ଗଣ୍ଡ, ପୂର୍ବତନ ରାଇଘର ବ୍ଲକ ଅଧ୍ୟକ୍ଷା ନବୀନା ନାୟକ, ମହିଳା ବିଜେଡି ସଭା ନେତ୍ରୀ ରଶ୍ମୀ ସାନ୍ତ୍ରା , କାଉନସିଲର ତପନ ଦେବନାଥ, ବ୍ଲକ ବିଜେଡି ସଭାପତି ମନୋଜ ଧଳ ଓ ଅଜିତ ପ୍ରଧାନ ଓ ବରିଷ୍ଠ ବିଜେଡି ନେତା କାଲୁ ପଣ୍ଡା ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପୂର୍ବତନ ପୌରାଧ୍ୟକ୍ଷ ଝାଡେଶ୍ୱର ମହାନ୍ତି ସଭାପତିତ୍ୱ କରିଥିଲେ। ଗତ ସାଧାରଣ ନିର୍ବାଚନରେ ବିଜୟୀ ସମ୍ଭାବନା ଥିବା ସତ୍ତ୍ୱେ କାହିଁକି ଦଳ ପରାଜିତ ହେଲା ଏହା ଉପରେ ଆଲୋଚନା କରିଥିଲେ। ସଭ୍ୟ ସଂଗ୍ରହ ଅଭିଯାନକୁ କିପରି ଭାବେ ସଫଳତ ସହ କରାଯିବ, ଦଳର ସଙ୍ଗଠନକୁ ମଜଭୁତ କରିବା ନେଇ ଆଲେଚନା ହୋଇଥିଲା। ଦଳ ବିରୋଧୀ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ଦଳରୁ ବହିଷ୍କାର କରିବାକୁ କର୍ମୀମାନେ ପରାମର୍ଶ ଦେଇଥିଲେ। ଜଣେ କର୍ମୀ ନିଜ ସହ ୨୫ ଜଣ ସଭ୍ୟଙ୍କୁ ଦଳରେ ସାମିଲ କଲେ ସକ୍ରିୟ ସଦସ୍ୟ ଭାବରେ ପରିଗଣିତ ହେବ। ବିରୋଧୀ ଦଳ କାର୍ଯ୍ୟ ସୁଚାରୁ ରୂପେ ତୁଲାଇବା ସହ ଲୋକଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେବା ନେଇ ଆଲୋଚନା ହୋଇଛି। ବୈଠକରେ କାଉନ୍‌ସିଲର, ଉମରକୋଟ ଓ ରାଇଘର ଅଞ୍ଚଳରୁ ୨୦୦ ରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ। ନଗର ସଭାପତି କୈଳାସ ନାୟକ ଧନ୍ୟବାଦ ଦେଇଥିଲେ।

# ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ସମ୍ମିଳନୀ

କୋରାପୁଟ/ଜୟପୁର, ୨୪।୧୧
(ଅମିତାଭ ବେହେରା/ପବନ ପାଣିଗ୍ରାହୀ)

କୋରାପୁଟ ଆଦିବାସୀ ସଂଗ୍ରହାଳୟରେ ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶଶୀ ଭୂଷଣ ଦାଶ୍ ଆବାହକଙ୍କ ଆହ୍ୱାନ କ୍ରମେ ବିଭିନ୍ନ ଜିଲାର ଶତାଧିକ କର୍ମଚାରୀ ସମ୍ମିଳନୀରେ ଯୋଗ ଦେଇଥିଲେ। କର୍ମଚାରୀଙ୍କ ଅଭିଯୋଗ ପରେ ସଂଘକୁ ପୁନର୍ଗଠନ କରାଯାଇ ନିର୍ବାଚନ କରାଯାଇଥିଲା। ଏଥିରେ ଲକ୍ଷ୍ମଣ ମଲ୍ଲିକ, ରାଜ୍ୟ ସଦସ୍ୟ ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘର ସୁନାକର ରାଉତ, ନଳିନୀକାନ୍ତ ଓଝା, ରାଜ୍ୟ ସାଂଗଠନିକ ସମ୍ପାଦକ ପର୍ଶୁରାମ ପାତ୍ର, ଗଞ୍ଜାମ ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ସମ୍ପାଦକ ଦୟାନିଧି ପାଢ଼ୀ, ସଞ୍ଜୟ କୁମାର ପଣ୍ଡା ଓ କୈଳାସ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସଂଘର ନିର୍ବାଚନ ପାଇଁ ଏକ କମିଟି ଗଠନ କରାଯାଇଥିଲା। କୋରାପୁଟ ଜିଲାରୁ ରାଜ୍ୟ ନିର୍ବାଚନ କମିଟିରୁ ଦାଶଙ୍କୁ ରାଜ୍ୟ ସଭାପତି ଓ ଓଝାଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଘୋଷଣା କରାଯାଇଥିଲା। ୩୫ ଜଣ ରାଜ୍ୟ ନେତୃବୃନ୍ଦଙ୍କ ନାମ ଘୋଷଣା କରାଯାଇଥିଲା। ବିଭାଗୀୟ ଅଧିକାରୀ ଗୌରୀ ସତପଥି ଓ କାକୁଳି ଭଟ୍ଟାଚାର୍ଯ୍ୟ ଅବସର ନେଇଥିବା ବେଳେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସଂସ୍କୃତ ସମ୍ଭାଷଣ ଶିବିରର ସମାପନୀ ସମାରୋହ



ସମାରୋହରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କୋରାପୁଟ,୨୪।୧୧(ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ ସଂସ୍କୃତ ସଂଭାଷଣ ସମାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାର୍ଯ୍ୟକାରୀ ଉପକୁଳପତି ତଥା କୁଳସଚିବ ପ୍ରଫେସର ନରସିଂହ ଚରଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ଡ଼କ୍ଟର ଚକ୍ରଧର ପ୍ରଧାନ,ଅଧ୍ୟାପକ ଡ଼କ୍ଟର ସଞ୍ଜୀବ ସରକାର, ଡ. ନବୀନ କୁମାର ପ୍ରଧାନ, ଡ.ଦେବାଶିଷ କର୍ମକାର,ସତ୍ୟବ୍ରତ ମିଶ୍ର ଓ ନୂଆଦିଲ୍ଲୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ସଂସ୍କୃତ ସଂଭାଷଣ କେନ୍ଦ୍ର ନିର୍ଦ୍ଦେଶିକା ବର୍ଣ୍ଣାଳୀ ପ୍ରମାଣିକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରମାଣିକ ସଂସ୍କୃତ ସଂଭାଷଣ କେନ୍ଦ୍ରର ପକ୍ଷରୁ ସାଧାରଣ ଲୋକଙ୍କ ପାଇଁ ତାଲିମ ସାର୍ଟିଫିକେଟ୍ କୋର୍ସ ନେଇ ନିର୍ଦ୍ଦେଶିକା ବର୍ଣ୍ଣାଳୀ ସୂଚନା ଦେଇଥିଲେ। ବିଜ୍ଞାନ ଓ ଅନ୍ୟାନ୍ୟ କ୍ଷେତ୍ରରେ ସଂସ୍କୃତର ମହତ୍ୱ ବ୍ୟାଖ୍ୟା କରି ଛାତ୍ରୀଛାତ୍ରଙ୍କୁ ସଂସ୍କୃତରେ ଆଲୋଚନା କରିବାକୁ ପ୍ରଫେସର ପଣ୍ଡା ପରାମର୍ଶ ଦେଇଥିଲେ।

# ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ

ବୈପାରିଗୁଡ଼ା,୨୪।୧୧(କଳ୍ପତରୁ ମହାନ୍ତି)

ବୈପାରିଗୁଡ଼ା ବ୍ଲକ୍ ଅନ୍ତର୍ଗତ ତେନ୍ତୁଳିଗୁମ୍ମାରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ୧୨୬ତମ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ସ୍ଥାନୀୟ କୋଟପାଡ ବିଧାୟକ ରୂପୁ ଭତ୍ରା, ଜୟପୁର ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିବେଦିତା ଦଣ୍ଡସେନା, ଅତିରିକ୍ତ ତହସିଲଦାର ଝାଡ଼େଶ୍ୱର ସୌରା ଏବଂ ଜୟପୁର ଉପଖଣ୍ଡୀୟ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବ ପ୍ରମୁଖ ଯୋଗଦେଇଥିଲେ। ଅତିଥି ଶହୀଦଙ୍କ ସମାଧିସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ କେତେକ ସମସ୍ୟାକୁ ନେଇ ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ନଦୀ ଆରପଟେ ଥିବା ପଞ୍ଚାୟତର ୫ ଗ୍ରାମକୁ ମୌଳିକ ସୁବିଧା ଯୋଗାଇଦେବା ଏବଂ ତେନ୍ତୁଳିଗୁଡ଼ା ନଦୀଘାଟରେ ଆଉ ଏକ ଡଙ୍ଗା ଯୋଗାଇଦେବାକୁ ସେମାନେ ଦାବି କରିଥିଲେ।

# ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ୪ର୍ଥ ଅଧିବେଶନ



କାର୍ଯ୍ୟକ୍ରମରେ ଉପସ୍ଥିତ ସଦସ୍ୟ ଓ ଅନ୍ୟମାନେ।

ଜୟପୁର,୨୪।୧୧(ପବନ ପାଣିଗ୍ରାହୀ)

ଜୟପୁର ସରୋଜିନୀ ଭବନ ପରିସରରେ ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚାର ୪ର୍ଥ ରାଜ୍ୟ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଶୋର ଚନ୍ଦ୍ର ପଟେଲ, ରାଜ୍ୟ ସଭାପତି ଇଂ ପିତବାସ ସେଠୀ, ପଛୁଆ ବର୍ଗ ମୋର୍ଚ୍ଚା ରାଜ୍ୟ ସଭାପତି ଜଗଦୀଶ ଯାଦବ, ଭାରତ ମହିଳା ମୁକ୍ତି ମୋର୍ଚ୍ଚା ରାଷ୍ଟ୍ରୀୟ ସଭାନେତ୍ରୀ କମଳିନୀ ଯାଦବ,ନିରଞ୍ଜନ ମଲ୍ଲ ଓ ଯାଦବ ସମାଜ ଜିଲା ସଭାପତି ମଦନ ମୋହନ ନାୟକ ଯୋଗ ଦେଇଥିଲେ। ପଛୁଆ ବର୍ଗ ମୋର୍ଚ୍ଚାର ଜାତି ଭିତ୍ତିକ ଜନ ଗଣନା କରି ତାଙ୍କ ସଂଖ୍ୟା ଅନୁପାତରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ଭଳି ଓବିସିଙ୍କୁ ମଧ୍ୟ ପ୍ରାଧାନ୍ୟ, ବିଧାନ ସଭା ଏବଂ ଲୋକସଭାରେ ଇଭିଏମ ବଦଳରେ ବାଲାଟ ପେପର ମାଧ୍ୟମରେ ନିର୍ବାଚନ କରିବା ନେଇ ଦାବି କରାଯାଇଥିଲା। ଏଥିରେ ରାଜେନ୍ଦ୍ର ଗୌଡ, ସାଥିରାମ ନାୟକ, ଚନ୍ଦ୍ରକାନ୍ତ ସୁତର, ଦଣ୍ଡପାଣି ମହାରଣା, ସୁଶାନ୍ତ ମହାରଣା, ସଦାନନ୍ଦ ଭୋଇ, ଆଦିତ୍ୟ ହଂସ ଏବଂ ସାଥୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କଳାହାଣ୍ଡି ପଛୁଆବର୍ଗ ମୋର୍ଚ୍ଚା ଜିଲା ସମ୍ପାଦକ ସୁରେଶ ଚନ୍ଦନ ଓ ଦେମୁର୍ତ୍ତି ପାତିକା ପରିଚାଳନା କରିଥିଲେ।

# କପୁ କୁଟୁମ୍ବମ୍ କମକର୍ତ୍ତା ଚୟନ

ଜୟପୁର,୨୪।୧୧(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଯାଦବ ସମାଜ କାର୍ଯ୍ୟାଳୟରେ କାପୁ କୁଟୁମ୍ବମ୍‌ର କର୍ମକର୍ତ୍ତା ଚୟନ କରାଯାଇଛି। ସର୍ବସମ୍ମତି କ୍ରମେ କେ.ଶ୍ରୀନିବାସ ରାଓ ସଭାପତି, ପି. ଜଗଦୀଶ ରାଓ ସାଧାରଣ ସମ୍ପାଦକ,ଏମ. ଆଦି ନାରାୟଣ, ବି. ନରେଶ ଉପସଭାପତି, ଏମ. ଇଶ୍ୱର ରାଓ,ଜି. ଶିବ ପ୍ରସାଦ ସହ ସମ୍ପାଦକ,ବି. ରମେଶ କୋଷାଧ୍ୟକ୍ଷ,ଏମ. ସର୍ବେଶ୍ୱର ରାଓ, ପି. ତିରୁପତି, ଏସ. ଶିବା, ପି. ଶ୍ରୀନିବାସ, ଜି. ଭେଙ୍କଟ ରାବଣା,ଜି. ମନ୍ମଥ ରାଓ, ସି. ଏଚ୍ ଆଦିନରାୟଣା,ଏସ୍ ଭବାନୀ,କେ. ଗୋପାଳ ରାଓ, କୋଟେଶ୍ୱର ରାଓ, ୱାଇ ପ୍ରସାଦ, ଡି ଆପାରାଓ କାର୍ଯ୍ୟକାରିଣୀ ସଦସ୍ୟ ମନୋନୀତ ହୋଇଛନ୍ତି। ଆଇନ ପରାମର୍ଶଦାତା ବରିଷ୍ଠ ଓକିଲ କେ. ପ୍ରସାଦ ରାଓ ଏବଂ ଉପଦେଷ୍ଟା ପି. ଭାସ୍କର ରାଓ, ଏମ. ଶଙ୍କର ରାଓ, ଦାସରି ନାନାଜି ଏବଂ କେ. ଦୁର୍ଗା ରାଓଙ୍କୁ ଚୟନ କରାଯାଇଛି।

# କାଗଜ କଳ ଶ୍ରମିକ ସଂଘ ବୈଠକ

ଜୟପୁର,୨୪।୧୧(ପବନ ପାଣିଗ୍ରାହୀ)

ଜୟପୁର ଶ୍ରମିକ କର୍ମଚାରୀ ଭବନରେ ଏଆଇଟିୟୁସି ଓ କାଗଜ କଳ ଶ୍ରମିକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏଆଇଟିୟୁସି ନେତୃତ୍ୱରେ ବ୍ରହ୍ମପୁର ଆଞ୍ଚଳିକ ପିଏଫ୍ କମିଶନର ଅଫିସ୍ ସମ୍ମୁଖରେ ୨୧ ନଭେମ୍ବର ବିକ୍ଷୋଭ ଓ ଆଲୋଚନା ନେଇ ସଂଘ ସଭାପତି ପ୍ରମୋଦ କୁମାର ମହାନ୍ତି ସୂଚନା ଦେଇଥିଲେ। ନଭେମ୍ବର ୨୬ରେ ସର୍ବଭାରତୀୟ ଶ୍ରମିକ କୃଷକ ମିଳିତ ଆନ୍ଦୋଳନ ହେଉଥିବାରୁ ଏ ନେଇ ଏକ ଦାବିପତ୍ର ଜିଲାପାଳଙ୍କୁ ଦିଆଯିବ। ବିଧାନସଭାରେ ଶୀତକାଳୀନ ଅଧିବେଶନ ଆରମ୍ଭ ହେଉଥିବାରୁ କାଗଜ କଳ ଶ୍ରମିକଙ୍କ ସମସ୍ୟା ଓ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଜିଲାପାଳଙ୍କ ଜରିଆରେ ଦାବିପତ୍ର ଦିଆଯିବ। ଏଥିରେ ସୁଦର୍ଶନ ବିଷୋୟୀ,ସୁବାଷ ବେହେରା, ଅଲେଖ ପାତ୍ର, ଉମା ଶତପଥୀ ଓ ପ୍ରହଲ୍ଲାଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ସତ୍ୟ ସାଇବାବାଙ୍କ ଜନ୍ମୋତ୍ସବ

ଦଶମନ୍ତପୁର/ଜୟପୁର, ୨୪।୧୧
(ଅରବିନ୍ଦ ନାୟକ/ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ସଦର ମହକୁମାସ୍ଥିତ ସାଇ କଲ୍ୟାଣୀ ମଣ୍ଡପରେ ସତ୍ୟ ସାଇବାବାଙ୍କ ୯୯ତମ ଜନ୍ମୋତ୍ସବ ଶନିବାର ପାଳିତ ହୋଇଯାଇଛି। ବି.ବି.ଏମ୍. ରାଉତଙ୍କ ତତ୍ତ୍ୱାବଧାନରେ ସଭାପତି ନକୁଳ ବିଷୋୟୀ, ଉପଦେଷ୍ଟା ଶାନ୍ତିଲାଲ ବି.ଖଡ଼ିଆର, ପୂର୍ବତନ ଆବାହକ ରମେଶ ନାୟକ, ମୋହନ ବିଷୋୟୀ, ଅଜୟ ଖାଡଙ୍ଗା, ଚନ୍ଦ୍ରସେନ ଗରଡ଼ା, ନବୀନ ନାୟକ, ପର୍ଶୁରାମ ସାହୁ ଓ ସଦାଶିବ ନାୟକଙ୍କ ସହ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ବାବାଙ୍କ ନଗର ପରିକ୍ରମାକରି ୮୦ ଜଣ ନାରାୟଣ ସେବା ସହ ଶୀତକାଳୀନ ବସ୍ତ୍ର ବଣ୍ଟନ କରାଯାଇଥିଲା। ସେହିପରି ଦଶମନ୍ତପୁର ବ୍ଲକ ବାଣ୍ଡୁଆ ଗୁଡା ଗ୍ରାମ ବିଜୟଲକ୍ଷ୍ମୀ ନାୟକଙ୍କ ତତ୍ତ୍ୱାବଧାନରେ ସତ୍ୟ ସାଇବାବାଙ୍କ ପୂଜାର୍ଚ୍ଚନା, ହୋମଯଜ୍ଞ ଏବଂ ନାରାୟଣ ପୂଜା କରାଯାଇଛି। ସେହିପରି ଜୟପୁରରେ ସତ୍ୟସାଇ ସେବା ସମିତି ପକ୍ଷରୁ ସତ୍ୟସାଇ ବାବାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ମିଲ ସାହିସ୍ଥିତ ସତ୍ୟ ସାଇ ବାବା ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରାଯାଇଥିଲା।



# ସିଆଇଏସ୍‌ଏଫ୍ ସୁରକ୍ଷା ବିହାରରେ ମିଲେଟ୍ ମେଳା

ଦାମନଯୋଡି,୨୪।୧୧(ମାନସ ରଞ୍ଜନ କର)

ଦାମନଯୋଡି ସିଆଇଏସଏଫ ସୁରକ୍ଷା ବିହାର କମ୍ୟୁନିଟି ସେଣ୍ଟରରେ ଶନିବାର ଏକ ମିଲେଟ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଆଇଏସ୍‌ଏଫ୍ କମାଣ୍ଡେଣ୍ଟ ସତ୍ୟଦେବ ଆର୍ଯ୍ୟଙ୍କ ତତ୍ତ୍ୱାବଧାନରେ ନାଲକୋ ପ୍ରକଳ୍ପ ଜିଜିଏମ ଆର.ଏସ.ରାଜୁ, କୋରାପୁଟ ବିଏସଏଫ ହେଡକ୍ୱାଟର ସ୍ୱତନ୍ତ୍ର ଡିଜି ସତ୍ୟବାନ ଖାନଚି, ଶ୍ରୀଅନ୍ନ ଅଭିଯାନ ଅଧିକାରୀ ତାପସ ରଏ,୨୦୨ ବାଟାଲିୟନ କମାଣ୍ଡାଣ୍ଟ ଅମିତ କୁମାର,ସୁନାବେଡା କୋବ୍ରା ବାଟାଲିୟନ କମାଣ୍ଡାଣ୍ଟ ସଞ୍ଜୟ ଦାସ ଓ ନାଲକୋ ହସ୍ପିଟାଲର ମୁଖ୍ୟ ଚିକିତ୍ସାଧିକାରୀ ଡ଼ା.ଅମରଜିତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ମିଲେଟସ ଏକ ପୁଷ୍ଟିକର ଖାଦ୍ୟ, ଏଥିରେ ପ୍ରଚୁର ପରିମାଣରେ ପ୍ରୋଟିନ୍,ଫାଇବର ଓ ଅତି ଆବଶ୍ୟକ ଖଣିଜ ପଦାର୍ଥ ଭରପୂର ଥିବାରୁ ସମସ୍ତ ବର୍ଗର ଲୋକଙ୍କ ପାଇଁ ଏହା ଏକ ସୁଷମ ଖାଦ୍ୟ ଭାବେ ବ୍ୟବହାର କରାଯାଇପାରିବ। ଡ଼ା.ଜ୍ୟୋତିରଞ୍ଜନ ଦାଶ, ସିଆଇଏସଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ନରେନ୍ଦ୍ର କୁମାର,ଡେପୁଟି କମାଣ୍ଡାଣ୍ଟ ସୁନଥା ଭି,ଇନସ୍ପେକ୍ଟର ଆଣ୍ଡ ଏକଜକ୍ୟୁଟିଭ ଜିତେନ ଚୌଧୁରୀ ପ୍ରମୁଖ ପରିଚାଳନା କରିଥିବା ବେଳେ ଯବାନମାନେ ସହଯୋଗ କରିଥିଲେ।


ମିଲେଟ ମେଳାରେ ଉପସ୍ଥିତ ଅତିଥି ଓ ଯବାନମାନେ।

